visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.147 Bhubaneswar Sunday, July 25, 2021 | ୨୪ତମ ବର୍ଷ ସଂଖ୍ୟା–୧୪୭ ଭୁବନେଶ୍ୱର, ରବିବାର, ଜୁଲାଇ ୨୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମେଘାଳୟର ଶିଲୋଙ୍ଗରେ ଅନେକ ପ୍ରକଳ୍ପର ମୂଳଦୁଆ ଉଦ୍‌ଘାଟନ କରିଛନ୍ତି

## ଏନକାଉଣ୍ଟରରେ ହାଇଦର ମୃତ

ଭୁବନେଶ୍ୱର,୨୪।୭(ପି.ଏନ): ପୋଲିସ୍ ଏନକାଉଂଟରରେ ପ୍ରାଣ ହରାଇଛି କୁଖ୍ୟାତ ଗ୍ୟାଙ୍ଗଷ୍ଟାର ସେକ ହାଇଦର। ବାରିପଦା ଜେଲକୁ ଏହି ଗ୍ୟାଙ୍ଗଷ୍ଟାରକୁ ନିଆଯାଉଥିବାବେଳେ ଅଧରାସ୍ତାରେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ୍ ଫାୟାରିଂ କରିଥିଲା।ଏନ୍‌କାଉଂଟର ପରେ ତାକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାକୁ ମୃତ ଘୋଷଣା କରାଯାଇଛି। ଆସନ୍ତାକାଲି ପୋଷ୍ଟମର୍ଟମ କରାଯିବ। ଅପରପକ୍ଷରେ ହାଇଦରର ମୃତ୍ୟୁ ପରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୂରା ସହରକୁ ପୋଲିସ ଛାଉଣି କରାଯାଇଛି। କଟକ ଡିସିପି ପ୍ରତୀକ ସିଂହଙ୍କ ସୂଚନା ଅନୁଯାୟୀ କଟକ ଚୌଦ୍ୱାର ଜେଲ୍ ରୁ ଆଜି ଗ୍ୟାଙ୍ଗଷ୍ଟର ହାଇଦରକୁ ବାରିପଦା ଜେଲ୍ କୁ ନିଆଯାଉଥିଲା। ବାଲେଶ୍ୱର ଜିଲ୍ଲା ସିମୁଳିଆ ନିକଟରେ ପରିସ୍ରା କରିବାକୁ କହିଥିଲା ହାଇଦର। ପରିସ୍ରା କରୁଥିବା ବେଳେ ସୁରକ୍ଷା କର୍ମୀଙ୍କ ସହିତ ଧସ୍ତାଧସ୍ତି କରିଥିଲା। ଏପରିକି ସୁରକ୍ଷା କର୍ମୀଙ୍କଠାରୁ ବନ୍ଧୁକ ଛଡ଼ାଇ ପଳାଇବାକୁ ଉଦ୍ୟମ କରିଥିଲା। ପରେ ଇନ୍ସପେକ୍ଟର ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ହାଇଦର ପେଟରେ ଗୁଳି ବାଜିଥିଲା। ତାଙ୍କୁ ବାଲେଶ୍ୱର ମେଡ଼ିକାଲ୍ ରେ ଭର୍ତ୍ତି କରାଯାଇଛି।ଉଲ୍ଲେଖନୀୟ ଯେ ଗତ ଏପ୍ରିଲ ୧୦ ତାରିଖରେ କଟକ ବଡ଼ ମେଡିକାଲରୁ ହାଇଦର ବିରିୟାନୀରେ ନିଶା ଔଷଧ ଦେଇ ଖସିପଳାଇବାରେ ସଫଳ ହୋଇଥିଲା। ଏହାପରେ ରାଜ୍ୟ ପୋଲିସର ଏକ ସ୍ୱତନ୍ତ୍ର ଟିମ ହାଇଦ୍ରାବାଦରୁ ହାଇଦରକୁ ଧରିବାରେ ସଫଳ ହୋଇଥିଲା। ଗ୍ୟାଙ୍ଗଷ୍ଟର ହାଇଦର ଫେରାର ଘଟଣାରେ ଜଣେ ଯୁବତୀଙ୍କ ସମେତ ୩ ସହଯୋଗୀ ଗିରଫ ହୋଇଥିଲେ। ପରେ ୧୨୦ ଘଂଟାର ସଫଳ ଅପରେସନ ପରେ ହାଇଦରକୁ ତେଲଙ୍ଗାନାର ସାଙ୍ଗାରେଡ୍ଡିରୁ ଗିରଫ କରିଥିଲା ପୋଲିସ। ପରେ ତାଙ୍କୁ ସ୍ୱତନ୍ତ୍ର ବିମାନ ଯୋଗେ ହାଇଦ୍ରାବାଦରୁ ଓଡ଼ିଶା ଅଣାଯାଇଥିଲା।

## ୨୮ରେ ଆଉ ଏକ ଲଘୁଚାପ , ୫ ଦିନ ଯାଏଁ ବର୍ଷିବ

ଭୁବନେଶ୍ୱର, ୨୪।୭(ପି.ଏନ): ଆସନ୍ତା ୨୮ ତାରିଖ ମଧ୍ୟରେ ଉତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୫ଦିନ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ୨୫ରୁ ୨୬ ତାରିଖ ମଧ୍ୟରେ ମୟୁରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।ଏଥିସହିତ ୨୬ରୁ ୨୯ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହିତ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଦଳୀୟ କନ୍ଦଳ ଚାପିବାକୁ ବିଜେପିର ମନଗଢ଼ା ଅଭିଯୋଗ: ବିଜେଡ଼ି

ଭୁବନେଶ୍ୱର, ୨୪।୭(ପି.ଏନ): ପଶ୍ଚିମ ଓଡିଶାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ରାଜନୀତି ପାଇଁ ସ୍ୱାସ୍ଥ୍ୟସେବାକୁ ଆଳ କରି ସରକାରଙ୍କୁ ସମାଲୋଚନା କରିବା ଉଚିତ୍ ନୁହେଁ। ଦଳରେ ନିଜର ହଜିଯାଉଥିବା ସ୍ଥିତିକୁ ପ୍ରାସଙ୍ଗିକ କରିବା ସହିତ ଦଳୀୟ କନ୍ଦଳକୁ ଚାପିବା ପାଇଁ ବିଜେପିର ପୂର୍ବତନ ବିଧାୟକ ଏଭଳି ଗନଗଢା ଆରୋପ ଲଗାଉଥିବା କହିଛନ୍ତି ବିଜେଡି ମୁଖପାତ୍ର ସଞ୍ଜୟ ବାବୁ। ବିଜେପିର ପୂର୍ବତନ ବିଧାୟକ ରବି ନାୟକଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ବାବୁ କହିଛନ୍ତି ଯେ ରାଜ୍ୟ ସରକାର ପଶ୍ଚିମ ଓଡିଶାର ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। କୋଭିଡ୍ ସମୟରେ ଅକ୍ସିଜେନ୍ ଶଯ୍ୟା, ଆଇସିୟୁ ଶଯ୍ୟା ଓ ଭେଂଟିଲେଟର ଶଯ୍ୟା ବୃଦ୍ଧି ଫଳରେ ସ୍ଥାନୀୟ ଅଂଚଳ ସହିତ ଛତିଶଗଡ ଓ ଝାଡଖଣ୍ଡର ଲୋକେ ବି ଆସି ଏଠାରେ ଚିକିତ୍ସିତ ହେଉଥିଲେ। ଓଡିଶାର ସ୍ୱାସ୍ଥ୍ୟସେବାକୁ ପଡୋଶୀ ରାଜ୍ୟର ଲୋକେ ପ୍ରଶଂସା କରୁଥିବାବେଳେ କେବଳ ରାଜନୀତି ପାଇଁ ବିଜେପି ଏଭଳି ଆରୋପ ଲଗାଉଥିବା ଶ୍ରୀ ବାବୁ କହିଛନ୍ତି। ଭୀମ୍‌ସାରକୁ ସୁପର ସ୍ପେଶିଆଲିଟି ବ୍ୟବସ୍ଥା ସହିତ ଅଭିଜ୍ଞ ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଛି ଓ ଏ କ୍ଷେତ୍ରରେ ସରକାର ଯତ୍ନବାନ ଅଛନ୍ତି। ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତି ଏବଂ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ କୋଭିଡ୍‌ର ଦ୍ୱିତୀୟ ଲହରକୁ ରାଜ୍ୟରେ ସଫଳତାର ସହ ମୁକାବିଲା କରାଯାଇ ପାରିଛି। ରାଜ୍ୟର ଚାହିଦା ମେଂଟାଇବା ସହିତ ସମଗ୍ର ଦେଶକୁ ଅକ୍ସିଜେନ୍ ଯୋଗାଇ ଓଡିଶା ସରକାର ମାଇଲଖୁଂଟ ସ୍ଥାପନ କରିଛନ୍ତି। ଓଡିଶାର ଏହି କାର୍ଯ୍ୟକୁ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ପ୍ରଶଂସା କରାଯାଉଥିବାବେଳେ ବିଜେପିନେତାମାନେ ଏଥିରେ ଅସହିଷ୍ଣୁ ହୋଇ ଯେଉଁଭଳି ମନଗଢା ଆରୋପ ଲଗାଉଛନ୍ତି ତାହାକୁ ଓଡିଶାବାସୀ ଆଦୌ ଗ୍ରହଣ କରିବେ ନାହିଁ ବୋଲି ବିଜେଡି ମୁଖପାତ୍ର କହିଛନ୍ତି।

## ଆଜି ପ୍ରକାଶ ପାଇବ ଅଖିଳ ଭାରତୀୟ ସୈନିକ୍ ସ୍କୁଲ ପ୍ରବେଶିକା ପରୀକ୍ଷା ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୨୪।୭(ପି.ଏନ): ସୈନିକ୍ ସ୍କୁଲ୍ ଭୁବନେଶ୍ୱରରେ ଷଷ୍ଠ ଶ୍ରେଣୀରେ ଆଡମିଶନ ପାଇଁ ଅଖିଳ ଭାରତୀୟ ସୈନିକ୍ ସ୍କୁଲ୍ ପ୍ରବେଶିକା ପରୀକ୍ଷା-୨୦୨୧ର ଚୂଡ଼ାନ୍ତ ମେରିଟ୍ ତାଲିକା ଏବଂ ପ୍ରତୀକ୍ଷା ସୂଚୀ (ୱେଟିଂ ଲିଷ୍ଟ) ଆସନ୍ତାକାଲି (ରବିବାର) ପ୍ରକାଶ ପାଇବ। ସୈନିକ୍ ସ୍କୁଲ୍ ଭୁବନେଶ୍ୱରର ୱେବସାଇଟ୍: www.sainikschoolbhubaneswar.org ରେ ରବିବାର ସକାଳ ୮ଟାରେ ରେଜଲ୍ଟ ଅପଲୋଡ୍ କରାଯିବ। ମନୋନୀତ ପ୍ରାର୍ଥୀମାନେ ପ୍ରତ୍ୟେକ ବର୍ଗରେ ଯୋଗ୍ୟତା, ଡାକ୍ତରୀ ଫିଟନେସ୍, ମୂଳ ଦଲିଲ ଯାଂଚ, ପ୍ରମାଣପତ୍ର ଦାଖଲ ଏବଂ ଆବଶ୍ୟକ ଦେୟ ପ୍ରଦାନ ଅନୁଯାୟୀ ବିଦ୍ୟାଳୟରେ ଆଡମିଶନ ପାଇଁ ଯୋଗ୍ୟ ହେବେ ବୋଲି ସ୍କୁଲ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଭାରଉତୋଳନ ୪୯ କେଜି ବର୍ଗରେ ରୌପ୍ୟ ଜିତିଲେ ମୀରାବାଇ ଚାନୁ

ଟୋକିଓ, ୨୪।୭(ପି.ଏନ): ଭାରତୀୟ ମହିଳା ଭାରଉତୋଳକ ମୀରାବାଇ ଚାନୁ ଟୋକିଓ ଅଲମ୍ପିକରେ ଭାରତ ପାଇଁ ପ୍ରଥମ ପଦକ ଜିତି ପଦକ ତାଲିକାରେ ଭାରତର ଖାତା ଖୋଲିଛନ୍ତି। ସେ ଭାରଉତୋଳନ ୪୯ କେ.ଜି. ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି।ଚାନୁ କ୍ଲିନ୍ ମୋଟ୍ ୨୦୨ କେଜି ଓଜନ ଉଠାଇ ରୌପ୍ୟ ପଦକ ଜିଣିଛନ୍ତି। ଏହି ବର୍ଗରେ ଚୀନ୍ ର ହୋଉ ଝିହୁଇ ୨୧୦ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ସେହିପରି ଇଣ୍ଡୋନେସିଆର ଏସାହ ବିଂଡି କାଂଟିକା ୧୯୪ କେଜି ଓଜନ ଉଠାଇ କାଂସ ପଦକ ଜିଣିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ କର୍ଣ୍ଣମ ମଲ୍ଲେଶ୍ୱରୀ ୨୦୦୦ ମସିହାରେ ଆୟୋଜିତ ସିଡ଼ନୀ ଅଲମ୍ପିକରେ ଭାର ଉତୋଳନରେ ଭାରତ ପାଇଁ ବ୍ରୋଂଚ ପଦକ ଜିଣିଥିଲେ।

## ଗୋଟିଏ ଦିନରେ ୧୮୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୮୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬୫୭୧୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୪୧୨୦୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୯୦୧୩ ରହିଛି। ଆଜି ଚିହ୍ନଟ ହୋଇଥିବା ୧୮୬୪ ଜଣଙ୍କ ମଧ୍ୟରୁ ୧୦୮୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୯୬ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୪ ଜଣ, ବରଗଡ଼ରୁ ୨୪ ଜଣ, ଭଦ୍ରକରୁ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୦୩, କଟକରୁ ୨୨୧, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୪ ଜଣ, ଗଜପତି ଜିଲ୍ଲାରୁ ୩ , ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୮୯ ଜଣ, ଯାଜପୁରରୁ ୧୦୭ ଜଣ, ଝାରସୁଗୁଡ଼ାରୁ ୦୮ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୫୯ ଜଣ, କେନ୍ଦୁଝରରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୪୯୬ ଜଣ, କୋରାପୁଟରୁ ୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୫୭ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୩୪ ଜଣ, ନୂଆପଡ଼ାରୁ ୦୬ ଜଣ, ପୁରୀରୁ ୫୯ ଜଣ, ରାୟଗଡ଼ାରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୪ ଜଣ, ସୋନପୁରରୁ ୦୬ ଜଣ, ସୁନ୍ଦରଗଡ଼ରୁ ୫୬ ଜଣ ଓ ଷ୍ଟେଟ୍ ପୁଲରୁ ୧୦୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଷ୍ଟ୍ରପତି କୋବିନ୍ଦ ରବିବାର ଠାରୁ ଜମ୍ମୁ-କଶ୍ମୀର ଓ ଲଦାଖ ୪ ଦିନିଆ ଗସ୍ତରେ

ନୂଆଦିଲ୍ଲୀ, ୨୪।୭(ପି.ଏନ): ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ଦିନ ଜମ୍ମୁ-କଶ୍ମୀର ଓ ଲଦାଖ ୪ ଦିନିଆ ଗସ୍ତରେ ଯିବେ। ଏହି ଅବସରରେ ରାଷ୍ଟ୍ରପତି କାରଗିଲ୍ ବିଜୟ ଦିବସ ଓ କଶ୍ମୀର ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ହାଇଦରକୁ ଏନ୍‌କାଉଣ୍ଟର ପରେ ଜୁନିୟର ଗ୍ୟାଙ୍ଗ୍ ଙ୍କ ଆତ୍ମଗୋପନ

କେନ୍ଦ୍ରାପଡା, ୨୪।୭(ପି.ଏନ): ଜଣାଶୁଣା ଗ୍ୟାଙ୍ଗଷ୍ଟାର ହାଇଦର କୁ ପୋଲିସ ଏନ୍‌କାଉଣ୍ଟର କରିଥିବା ଖବର କେନ୍ଦ୍ରାପଡାରେ ଜଣା ପଡିବା ପରେ ଜୁନିୟର ଗ୍ୟାଙ୍ଗର ସଦସ୍ୟ ମାନେ ଆତଙ୍କିତ ହୋଇ ପଡିଥିବା ଜଣାପଡିଛି। ଗ୍ୟାଙ୍ଗଷ୍ଟାର ହାଇଦର ଆଜୀବନ କାରାଗାର ରେ ଦଣ୍ଡିତ ହୋଇ ଚିକିତ୍ସାଧିନ ଥିବା ଅବସ୍ଥାରେ ଫେରାର୍ ହୋଇ ଯାଇଥିଲା। କିଛିଦିନ ପରେ ଧରାପଡି ଚୌଦ୍ୱାର ଜେଲରେ ରହି ଆଜି ବାରିପଦା ନିଆ ଯାଉଥିବା ବେଳେ ଶିମୁଳିଆ ଠାରେ ଏନ୍‌କାଉଣ୍ଟର ହୋଇ ମୃତ୍ୟୁ ବରଣ କରିଥିବା ଥିବା ଜଣାପଡିବା ପରେ କେନ୍ଦ୍ରାପଡାରେ ଜୁନିୟର ଗ୍ୟାଙ୍ଗ ଗଢି ଅପରାଧ ଚଳାଇଥିବା ଯୁବକ ମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ବଡବଡ ଗ୍ୟାଙ୍ଗଷ୍ଟାର ମାନେ ଜେଲରେ ଥିବାବେଳେ ୧୬-୨୨ ବର୍ଷ ବୟସ୍କର କେତେକ ଯୁବକ ଜୁନିୟର ଗ୍ୟାଙ୍ଗ ଗଢି ଚୋରି, ଡକାୟତି, ଦାଦାବଟି ଆଦାୟ, ଧମକ ଚମକ ଆଦି ବିଭିନ୍ନ ପ୍ରକାରର ଅପରାଧ ମୂଳକ ଘଟଣା ଜୁନିୟର ଗ୍ୟାଙ୍ଗ ନାମରେ ଚଳାଉଛନ୍ତି। ପୋଲିସ ଖବର ପାଇ ମଧ୍ୟ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଏମାନଙ୍କ ଦୌରାତ୍ମ୍ୟ ଦିନକୁଦିନ ବଢି ଚାଲିଛି। ଯାହା ଫଳରେ ସାଧାରଣ ଲୋକେ ଆତଙ୍କିତ ହୋଇ ରହିଛନ୍ତି। ତେବେ ହାଇଦର ର ମୃତ୍ୟୁ ଖବର ପାଇ ଗ୍ୟାଙ୍ଗ ଚଳାଉଥିବା ସଦସ୍ୟ ମାନେ ନିଜକୁ ରକ୍ଷା କରିବା ପାଇଁ ଆତ୍ମଗୋପନ କରିଥିବା ଜଣାପଡିଛି।

## ଓଡ଼ିଶାର ସ୍କୁଲ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ : ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର, ୨୪।୭(ପି.ଏନ): ଓଡ଼ିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗ ଆସନ୍ତା ୨୬ ତାରିଖରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ଖୋଲି ପାଠପଢ଼ା ଆରମ୍ଭ କରିବାକୁ ଯାଉଛନ୍ତି। ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ଭିତରୁ ବର୍ତମାନ ପର୍ଯ୍ୟନ୍ତ ୬୦ଭାଗ ପ୍ରଥମ ଟୀକା ନେଇଥିବା ବେଳେ ମାତ୍ର ୪୦ ଭାଗ ଦ୍ୱିତୀୟ ଟୀକା ନେଇଛନ୍ତି। ସେହି ଦୃଷ୍ଟିରୁ ତୁରନ୍ତ ସ୍କୁଲ ଖୋଲିବା ପୂର୍ବରୁ ଏମାନଙ୍କର ଟୀକାକରଣ ପାଇଁ ସରକାର ଆଶୁପଦକ୍ଷେପ ନେବାପାଇଁ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି। ଗତବର୍ଷ ମହାମାରୀ ଆରମ୍ଭ ଦିନରୁ ପିଲାଙ୍କର ପାଠ ପଢ଼ାରେ ଡୋରି ବନ୍ଧା ହୋଇଛି ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ। ଅନଲାଇନ ପାଠପଢ଼ା ଏକ ପ୍ରହସନ ପାଲଟିଛି। ନିଜେ ଗଣଶିକ୍ଷା ମନ୍ତ୍ରୀ ବର୍ତମାନ ପର୍ଯ୍ୟନ୍ତ ମାତ୍ର ୩୨% ପିଲା ଅନଲାଇନ ପାଠ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି। ୨୦୨୧-୨୦୨୧ ମସିହାରେ ଇକୋନୋମିକ ସର୍ଭେ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାର ଟେଲିଫୋନ ଯୋଗାଯୋଗର ଘନତା ୭୬.୪୬ ଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହାର ଘନତା ୮୭.୩୭। ଗ୍ରାମାଂଚଳରେ ପ୍ରତି ୧୦୦ ଜଣରେ ୩୪.୫୧ ଜଣଙ୍କ ପାଖରେ ଟେଲିଫୋନ ଥିବା ବେଳେ ସହରାଂଚଳରେ ଏହା ୮୫.୯୮। ବର୍ତମାନ ସୁଦ୍ଧା ରାଜ୍ୟର ୫୧,୩୧୧ ଗାଁ ଭିତରୁ ୧୧୦୦ ଗାଁରେ ମୋବାଇଲ ଯୋଗାଯୋଗ ନାହିଁ।ସଂପ୍ରତି ଓଡ଼ିଶାରେ ୧୪୦୦୦ ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଏହା ଭିତରୁ ୭୦୦୦ରୁ ଅଧିକ ସ୍କୁଲ ଗୁଡ଼ିକ ମିଶ୍ରଣ କରିବାରେ ପ୍ରକ୍ରିୟା ଶେଷ କରିଛନ୍ତି। ମାତ୍ର ଏହା ବାସ୍ତବରେ ମିଶ୍ରଣ ନୁହେଁ ବରଂ ସ୍କୁଲ ବନ୍ଦ ଯୋଜନା। ଏହି ସବୁ ସ୍କୁଲ ଗୁଡ଼ିକ ଅପହଂଚ ଅଂଚଳରେ ଅବସ୍ଥିତ ଏବଂ ଏଠାରେ ପ୍ରାୟ ଆଦିବାସୀ, ଦଳିତ ଏବଂ ଗରିବ ଶ୍ରେଣୀର ପିଲାମାନେ ପଢ଼ନ୍ତି। ଏହି ସ୍କୁଲ ବନ୍ଦ ହୋଇଗଲେ ସେହିପିଲାମାନଙ୍କର ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ। ଶିକ୍ଷା ଅଧିକାର ଆଇନ ୨୦୦୯ର ଏହା କେବଳ ବିରୋଧିତା କରେ ନାହିଁ ଅଧିକନ୍ତୁ ଏହା ଡ୍ରପଆଉଟ ସମସ୍ୟାକୁ ଅଧିକ ଘନିଭୁତ କରାଇବ। ସରକାର ଏଭଳି ଶିକ୍ଷା ଓ ଛାତ୍ର ବିରୋଧି ନିଷ୍ପତିରୁ କ୍ଷାନ୍ତ ରହନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଶିକ୍ଷକ ମାନଙ୍କୁ କୋଭିଡ ଯୋଦ୍ଧାର ମାନ୍ୟତା ଦେବା ଦାବି କରିବା ସହିତ ବର୍ତମାନ ପର୍ଯ୍ୟନ୍ତ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ୩ ହଜାରରୁ ଅଧିକ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଅନୁକମ୍ପା ସହାୟତା ଦେବାକୁ ଶ୍ରୀ ଦାସ ମଧ୍ୟ ଦାବି କରିଛନ୍ତି। ପ୍ରଥମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଓ ୧୦ ମ ଶ୍ରେଣୀ ପାଇଁ ପାଠ ପଢ଼ାର କଣ ବନ୍ଦୋବସ୍ତ ସରକାର କରୁଛନ୍ତି ଏବଂ ସେମାନଙ୍କ ପାଇଁ ସ୍କୁଲ କେବେ ଖୋଲିବେ ସେ ବିଷୟରେ ସରକାର ଓଡ଼ିଶାବାସୀଙ୍କୁ ଜଣାଇବାକୁ କଂଗ୍ରେସ ମଧ୍ୟ ଅନୁରୋଧ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ଓଡ଼ିଶାର ଆଦିବାସୀ ଓ ଦଳିତ ଲୋକଙ୍କ ଅଂଚଳ କୋରାପୁଟରେ ଅବସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ୧୪ ଟି ବିଭାଗ ପାଇଁ ମାତ୍ର ୧୭ଜଣ ଶିକ୍ଷକଶିକ୍ଷୟତ୍ରୀ ଅଛନ୍ତି। ବିଶ୍ୱବିଦ୍ୟାଳୟ ଲାଗି ଅନୁମୋଦିତ ୧୫୪ ନିୟମିତ ଶିକ୍ଷକ ପଦପଦବୀ ମଧ୍ୟରୁ ୧୩୭ଟି ଖାଲି ପଡ଼ିଛି। ମାତ୍ର ୧୧ ପ୍ରତିଶତରେ ଚାଲିଛି ଶିକ୍ଷାନୁଷ୍ଠାନ। ୧୪ଟି ବିଭାଗରେ ୧ ହଜାର ଶିକ୍ଷକ ଥିଲାବେଳେ ସବୁଠାରୁ ଦୁଃଖର ବିଷୟ ଏହିକି ଯେ ସରକାର ମାତ୍ର ୧୭ ଜଣ ଶିକ୍ଷକଶିକ୍ଷୟିତ୍ରୀ ଦେଇଛନ୍ତି। ଦେଶରେ ୪୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟର ନାମ ସର୍ବନିମ୍ନ ଅଟେ। ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟରେ ମାତ୍ର ୧୧୫ ଜଣ ଅଣଶିକ୍ଷକ ପଦର ବ୍ୟବସ୍ଥା ହୋଇଥିବା ବେଳେ ସେଥିରୁ ୯୩ଟି ଖାଲି ପଡ଼ିଛି ଅର୍ଥାତ ୮୦ ପ୍ରତିଶତ କର୍ମଚାରୀ ନାହାନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଏହାକୁ ବିଚାରକୁ ନିଅନ୍ତୁ ଏବଂ ଆବଶ୍ୟକ ଥିବା ପଦବୀ ପୂରଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ଫି ଛାଡ଼ପାଇଁ କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପ୍ରାଇଭେଟ ସ୍କୁଲ ମାଲିକମାନେ ବେଖାତିର କରୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କେଉଁ କେଉଁ ସ୍କୁଲ କେତେ ଫି କେତେ ଛାତ୍ରଛାତ୍ରୀଙ୍କୁ ଛାଡ଼ କଲେ ତାହା ସର୍ବସାଧାରଣରେ ପ୍ରକାଶ ହେଉ। ପ୍ରାଇଭେଟ ସ୍କୁଲ ମାଲିକ ମାନଙ୍କର ଶୋଷଣ ବିରୁଦ୍ଧରେ ଆଗାମୀ ଦିନରେ ସବୁ ପ୍ରାଇଭେଟ ସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀଙ୍କର ସ୍ୱାର୍ଥକୁ ନେଇ ବିକ୍ଷୋଭ କରାଯିବ ବୋଲି ଶ୍ରୀ ନୱାଜ କହିଛନ୍ତି।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada









# ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୁର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିକିଁ ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୁମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରିରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଟରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଆନ୍ତର୍ଜାତିକ ଦୃଶ୍ୟପଟରେ ଭାରତୀୟ ନାରୀ



ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତିବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରା ନ ଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ



ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେଗୁଡ଼ିକ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ। ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା



ରୂପେ ପ୍ରେମ ଆହ୍ଲାଦିନୀ। କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାର କାରିଣୀ; ଆଉ କେତେବେଳେ ସେ ବିପଦନାଶିନୀ, ମା' ତାରିଣୀ ଓ ଅଭୟ ଦାୟିନୀ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମି ହେତୁ ସେ ସହଧର୍ମିଣୀ ଥିଲା। ପୁରୁଷ ପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଇ, ମୀରାବାଇ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଇ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ , ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା



ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନା ହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଊର୍ଦ୍ଧ୍ୱରେ ରହିଅଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯାତିତା, ପୁଣି ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ କୋଉଠି ଖଟିଲା ଗୋଟି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନ୍ୟାଯ୍ୟ ଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ।

ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ ଜିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନମ୍ମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଇ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଆସଫ ଅଲ୍ଲୀ, ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜମ୍ବବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ: ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ: ରାଜକୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା: ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍, ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେଓ୍ୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାରଫୋର୍ସ ପାଇଲଟ୍, ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବତାରୋହୀ ହେଉଛନ୍ତି ବଛେନ୍ଦ୍ରୀ ପାଲ ଯିଏକି ମାଉଣ୍ଟ



ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱଲା, ପ୍ରଥମ ମହିଳା ଡାକ୍ତର : କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର, କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ: ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲିମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପି.ଟି. ଉଷା, ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର: କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ: ସାନିଆ ମିର୍ଜା।

ଆମେ ଏଠାରେ କେବଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇନାହୁଁ। ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି। ସେହିପରି ନାରୀଶବ୍ଦକୁ ପରିଭାଷିତ କରିଥିବା ଓଡ଼ିଆମାନଙ୍କ ମଧ୍ୟରେ ଅଛନ୍ତି ସମାଜସେବୀରେ, ମା' ରମାଦେବୀ ଏବଂ ତୁଳସୀମୁଣ୍ଡା, ରାଜନୀତିରେ: ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥି; ସାହିତ୍ୟରେ: କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳବେହେରା, ନୃତ୍ୟରେ: ସଂଯୁକ୍ତା ପାଣିଗ୍ରାହୀ ଓ ମିନତି ମିଶ୍ର, ଚଳଚ୍ଚିତ୍ରରେ



ପାର୍ବତୀ ଘୋଷ, କ୍ରୀଡ଼ାରେ: ଜ୍ୟୋତି ସୁନିତା କୁଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମାମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ। ପ୍ରଶାସିକାରେ: ରୂପା ମିଶ୍ର, ଚିକିତ୍ସକ ହିସାବରେ: ବୀଣା ଦେଇ ଏବଂ ଜ୍ୟୋସ୍ନା ଦେଇ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି)। ଏହିପରି ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ। ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି। ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି। ଭାରତରେ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି। ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ। ସବୁକ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି।

ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ। ଏବେ ନାରୀମାନେ ନିର୍ଯାତିତ, ଧର୍ଷିତ, ଅବହେଳିତ। ନାରୀମାନଙ୍କ ପ୍ରଗତିପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି। ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି। ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି। ୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ- ଏହା ଆମେ ଚାହୁଁନାହୁଁ। ମହିଳାମାନେ ଆଇନ୍ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ତଜ୍ଜନିତ ଅନେକ କଷ୍ଟ ଭୋଗୁଛନ୍ତି। ଆଜି ଆମ୍ଭେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ। ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତୃଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ବା ସେହିପରି ଅର୍ଥରେ ପାଳନ କରିଥାଆନ୍ତି। ବାସ୍ତବରେ ଏହା ତାହା ନୁହେଁ। ସମଗ୍ର ବିଶ୍ୱର ନାରୀମୁକ୍ତି, ନାରୀ ସ୍ୱତନ୍ତ୍ରତା ଏବଂ ନାରୀର ପ୍ରଗତି ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ। ପୂର୍ବ ଇଉରୋପ, ଋଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟିଦିନ ଭାବେ ପାଳନ ହୋଇଆସୁଛି। ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମେ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା। ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା। ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ। ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ। ଭାରତରେ ମହିଳାଙ୍କ ଉନ୍ନତିକଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ। ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା: ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ...!

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ,**
**ଦୂରଭାଷ: ୯୯୩୮୩୪୪୧୩୮**

# ନାରୀ ଓ ପୁରୁଷ-ଏକ ମୁଦ୍ରାର ଦୁଇପାର୍ଶ୍ୱ



ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା-ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି-ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୃଷ୍ଟି କରିବା ହିଁ ନାରୀର ନାରୀତ୍ୱ। ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ। ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା। ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି। ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ପୁରୁଷର ଅର୍ଥ ହେଉଛି ପୂରଣ ସ୍ୱଭାବସମ୍ପନ୍ନ, ପୁରୁଷ ଅନ୍ୟର ଅଭାବ ପୂରଣ କରେ, ସାର୍ଥକ କରେ, କୃତକାର୍ଯ୍ୟ କରି ଉଠାଏ, ପାରଗତାରେ ଉଦ୍‌ବୁଦ୍ଧ, ଉନ୍ନତ ଓ କୃତାର୍ଥ କରି ତୋଳିବା ହିଁ ପୁରୁଷର ପୁରୁଷତ୍ୱ। ପୁରୁଷ ଚାହେଁ ନାରୀ ଠାରେ ବିଶ୍ରାମ ନେବାକୁ, ନାରୀ ଚାହେଁ ପୁରୁଷକୁ ସୁସ୍ଥ, ସ୍ୱସ୍ଥ ଓ ବୃଦ୍ଧି କରିଉଠାଇବାରେ। ଯେଉଁଠାରେ ନାରୀ ତା'ର ଏହି ଆଦିମ ସ୍ୱଭାବକୁ ବ୍ୟାହତ କରିଛି ସେହିଠାରେ ହିଁ ସେ ବ୍ୟର୍ଥତାର ଆଲିଙ୍ଗନରେ ବିଧ୍ୱସ୍ତ, ବିବ୍ରତ ଓ ବିକୃତ ହୋଇଉଠିଛି। ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅନ୍ତର୍ନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଚ୍ଛ୍ୱସିତ ଭଙ୍ଗୀରେ କହିଲେ-ଗୋଟିଏ ଢ଼େଉର ଉଦ୍‌ବେଳାୟିତ ଅବସ୍ଥା ହେଉଛି ପୁରୁଷ ଓ ଅବବେଳାୟିତ ଅବସ୍ଥାଟି ନାରୀ। ଅବବେଳାୟିତ ଉପରେ ଭାର ଦେଇ ଉଦ୍‌ବେଳାୟିତରେ ଦଣ୍ଡାୟମାନ ହୁଏ ପୁରୁଷ। ପ୍ରକୃତି ହେଉଛି ପୁରୁଷର ବିଶ୍ରାମ କ୍ଷେତ୍ର। ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ଣ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତା'ର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କଠାରେ ସୁକୈନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱରକୈନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମିଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ-ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ- ପୁରୁଷମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି-ମାତୃଭକ୍ତି ଅତୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ

ବାଲେଶ୍ୱର (ପିଏନ୍)- ଗତ ୫ ତାରିଖ ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ -୨୦୨୧ ପାଳିତ ହୋଇଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହା ପରେ ପଂଚାୟତିରାଜ ଓ ଲୋକସେବା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆଜିର ଦିନକୁ ପଂଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରାଯାଉଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ବାର୍ତ୍ତାରେ ଉଲ୍ଲେଖ କରିଥିଲେ । ଗଣତନ୍ତ୍ରରେ ଜନସାଧାରଣଙ୍କୁ ଯେଭଳି ବିଭିନ୍ନ ସରକାରୀ ସେବା ସୁବିଧାରେ ମିଳିପାରିବ ତାହା ସରକାରଙ୍କ ବଡ ଦାୟିତ୍ୱ । ପଂଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଂଚଳରେ ରାସ୍ତାଘାଟ ଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବା ସେ କହିଥିଲେ । ଜୀବନ ଜୀବିକା ପାଇଁ ଗ୍ରାମାଂଚଳରେ ଅନେକ କାର୍ଯ୍ୟ କରାଯାଉଛି । ଏହି ସବୁ କାର୍ଯ୍ୟର ସଫଳତା ଗ୍ରାମରେ ଅନେକ ପରିବର୍ତନ ଆଣିପାରିଛି ଏବଂ ଗାଁର ରୂପାନ୍ତର ହୋଇଛି । ଗ୍ରାମ ବିକାଶରେ ଆଜି ମହିଳାମାନେ ସାମିଲ ହୋଇଛନ୍ତି । ଗ୍ରାମରେ ବିକାଶର ଛବି ଉଜ୍ଜ୍ୱଳ ହୋଇଛି । ସାଧାରଣ ଲୋକଙ୍କର ସରକାର ଉପରେ ଯେଉଁ ଆସ୍ଥା ଓ ବିଶ୍ୱାସ ରହିଛି ତାହାକୁ ବଜାୟ ରଖିବା ପାଇଁ ଆହୁରି ଅନେକ କାମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ମାନନୀୟା ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନିବେଦିତା ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ଓଡିଶାରେ ପଂଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ଉପରେ ଆଲୋକପାତ କରିଥିଲେ । ପଂଚାୟତିରାଜ ବ୍ୟବସ୍ଥାର ପ୍ରକୃତ ସୁଫଳ ପାଇବା ପାଇଁ ଗ୍ରାମାଂଚଳରେ ଏ ସମ୍ପର୍କରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ୍ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଂଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ଆମେ କୋଭିଡ୍ ମୁକାବିଲାରେ ସଫଳ ହୋଇପାରିଥିବା ମତପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା ଦୁଇ ଦଶନ୍ଧି ତଳେ ଆମ ଗ୍ରାମ ମାନଙ୍କର ଯେଉଁ ଚିତ୍ର ଦେଖିବାକୁ ମିଳୁଥିଲା ଆଜି ସେଥିରେ ବିରାଟ ପରିବର୍ତନ ଆସିଥିବା ନେଇ ବକ୍ତବ୍ୟ ରଖିଥିଲେ । ପଂଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଥିବା ସେ କହିଥିଲେ । ସମ୍ମାନିତ ଅତିଥି କବି ଶ୍ରୀ ପ୍ରଶାନ୍ତ ଦାସ ଭାରତୀୟ ଗଣତନ୍ତ୍ର ପଂଚାୟତିରାଜ ବ୍ୟବସ୍ଥା, ସର୍ବଶିକ୍ଷା ଅଭିଯାନ ଦ୍ୱାରା ଆହୁରି ସୁଦୃଢ ହୋଇପାରିଥିବା ମତପୋଷଣ କରିଥିଲେ । ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଂଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଓଡିଶାର ଜିଲ୍ଲା ସଂଖ୍ୟାକୁ ୩୦ରେ ପହଂଚାଇବା ପାଇଁ ଯେଉଁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତି ନେଇଥିଲେ ତାହାର ଆବଶ୍ୟକତା କେତେ ଅଧିକ ଥିଲା ତାହା ଆଜି ଅନୁଭବ କରି ହୁଏ ବୋଲି ନିଜ ବକ୍ତବ୍ୟରେ ସେ କହିଥିଲେ । ମୁଖ୍ୟବକ୍ତା ଶ୍ରୀ ଗୌରୀ କୁମାର ରାଉତ ପଂଚାୟତିରାଜ ବ୍ୟବସ୍ଥା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିପାରିଥିବା ମତବ୍ୟକ୍ତ କରିଥିଲେ । ଭାରତବର୍ଷର ଆତ୍ମା ତାହାର ଗ୍ରାମରେ ରହିଛି ବୋଲି ଗାନ୍ଧୀ କହିଥିବା ବେଳେ ପଂଚାୟତିରାଜ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଜିଲ୍ଲା, ରାଜ୍ୟ ତଥା ଦେଶର ଉଲ୍ଲେଖନୀୟ ପ୍ରଗତି ହୋଇପାରିଥିବା ଶ୍ରୀ ରାଉତ କହିଥିଲେ । ଓଡିଶାରେ ପଂଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଏବଂ ଶିଳ୍ପ ଭିତିଭୂମିର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି ସବୁଦିନ ମନେରଖିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ତୃଣମୂଳ ସ୍ତରରେ ବିକାଶକୁ ପହଂଚାଇବାରେ ପଂଚାୟତିରାଜ ବ୍ୟବସ୍ଥାର ଅନେକ ଅବଦାନ ରହିଥିବା କହିଥିଲେ । ତେବେ ଆଜିର ଦିବସକୁ ଲୋକସେବା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି । ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ଓ ସେବା ପହଂଚାଇବା ପାଇଁ ସରକାରୀ ଅଧିକାରୀମାନେ ସମର୍ପିତ ମନୋଭାବ ନେଇ ନିଜକୁ ଜନସେବାରେ ନିୟୋଜିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ସୀତାରାମ ପ୍ରଧାନ ଏବଂ ଶ୍ରୀ କମଳ କୁମାର ସାହୁ ପଂଚାୟତିରାଜ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଗୃହରେ ସେମାନଙ୍କ ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ପଂଚାୟତିରାଜ ଶାସନ ଏବଂ ଗାଁ ପରିମଳ ସମ୍ପର୍କିତ ଦୁଇଟି ଭିଡିଓ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ଏପିଡି ଶ୍ରୀ ନୀଲୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ-ସଦସ୍ୟା, ବିଭାଗୀୟ ଅଧିକାରୀମାନଙ୍କ ସମେତ ଦକ୍ଷତା ବିକାଶ ସଂସ୍ଥାନର ଶିକ୍ଷାନବୀଶ, ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବିଶ୍ୱରତ୍ନଙ୍କୁ ଭାରତରତ୍ନ ମହଙ୍ଗା



ଭୁବନେଶ୍ୱର (ପିଏନ୍): ପ୍ରବାଦପୁରୁଷ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମଦିବସ ଅବସରରେ ଗତ ୫ ତାରିଖ ସକାଳ ୯ ଟା ସମୟରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ବିଜୁବାବୁ ହେଉଛନ୍ତି ବିଶ୍ୱରତ୍ନ କିନ୍ତୁ ବାରମ୍ବାର ଦାବି ପରେ ମଧ୍ୟ କିମ୍ବଦନ୍ତୀ ପୁରୁଷଙ୍କୁ ଆଜି ପର୍ଯ୍ୟନ୍ତ ଭାରତରତ୍ନ ପ୍ରଦାନ କରାଯାଇପାରିନାହିଁ । ତାଙ୍କର ପବିତ୍ର ଜନ୍ମଦିବସରେ ଉତ୍କଳ ସମ୍ମିଳନୀ ଏହି ଦାବି ପୁଣିଥରେ ଦୋହରାଉଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ କରପୋରେଟର ରଶ୍ମିତା ମହାନ୍ତି, ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଦ୍ଧାର୍ଥଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଅଜୟ ଜେନା, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ସଂଜୟ ସ୍ୱାଇଁ, ପ୍ରକାଶ ସାମଲ ଓ ଜ୍ଞାନରଂଜନ ବେହେରା ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

# ରାଜସ୍ୱ ବିଭାଗର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସମିତି ପକ୍ଷରୁ ଯାଜପୁର ଜିଲ୍ଲା ସଂଯୋଜକ ହରିହର ସ୍ୱାଇଁଙ୍କ ଆବାହକତ୍ୱରେ ଯାଜପୁର ବ୍ଲକ ସଂଯୋଜକ ଅନିଲ କୁମାର ଜେନା, ଦଶରଥପୁର ସଂଯୋଜକ ରମାକାନ୍ତ ସାହୁ, ଧର୍ମଶାଳା ସଂଯୋଜକ ବିପିନ କୁମାର ସ୍ୱାଇଁ, ବଡ଼ଚଣା ସଂଯୋଜକ ତରଣୀସେନ ସାହୁ, ସୁକିନ୍ଦା ସଂଯୋଜକ ନୀଳମଣି ବେହେରା, ବରୀ ସଂଯୋଜକ ନଟବର ମହାନ୍ତି, ଦାନଗଦି ସଂଯୋଜକ ଭାଗିରଥି ବେହେରା, କୋରେଇ ସଂଯୋଜକ ବାଇଧର ମାଝି, ବିଞ୍ଝାରପୁର ସଂଯୋଜକ ଅର୍ଜୁନ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ୧୦୫ତମ ଜୟନ୍ତୀ ପାଳନ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁଲାଇ ୨୫

# ନାରୀଶିକ୍ଷା ଓ ଗାନ୍ଧିଜୀ

ଅତୀତର ମହାମନୀଷୀଙ୍କଠାରୁ ଏବେ କାରଶାସକମାନଙ୍କ ଯାଏସମସ୍ତେକହି ଯାଇଛନ୍ତି ଅନ୍ତର୍ହିତଶକ୍ତିରବିକାଶରେ ଯାହାସାହାର୍ଯ୍ୟକରେତାହାହିଁଶିକ୍ଷା । କିନ୍ତୁ ଦୁଃଖର କଥା ପ୍ରଚଳିତ ଶିକ୍ଷାବ୍ୟବସ୍ଥା ମନ ଓ ଗୁଣରବିକାଶ ପରିବର୍ତ୍ତେ ଆଜିର ସମାଜରେ ହାତ ଓ ଗୋଡକୁ ପଙ୍ଗୁକରି ଦେଇଛି । ଆତ୍ମମର୍ଯ୍ୟାଦାକୁ ନଷ୍ଟ କରିଛି ଓ ମନକୁକଳୁଷିତ କରିଛି । ସଂସ୍କାରବାଦୀ ଚିନ୍ତା ନାୟକଙ୍କ ସ୍ୱପ୍ନ ସୌଧ ଗାନ୍ଧିଜୀଙ୍କ ମୌଳିକଶିକ୍ଷା, ରବୀନ୍ଦ୍ର ନାଥଙ୍କ ବିଶ୍ୱଭାରତୀ ଓ ସତ୍ୟବାଦୀ ବନ ବିଦ୍ୟାଳୟ ଶୂନ୍ୟତାରେ ପୃଷ୍ଠ ଭୂମିଉପରେ ଆଜିର ପ୍ରଚଳିତଶିକ୍ଷା ବ୍ୟବସ୍ଥା ଭାଙ୍ଗି ପଡିଛି । ଏହା ହିଁ ଆଜି ପ୍ରଚଳିତ ଶିକ୍ଷାକ୍ଷେତ୍ରରେ ଭାରତ ବର୍ଷରେ ସବୁଠାରୁ ବଡ ଦୁର୍ଭାଗ୍ୟ ଓ ପରିତାପର ବିଷୟ । ଦେଶ ସ୍ୱାଧୀନ ହେବାର ଦୀର୍ଘବର୍ଷ ପରେବି ଆମେ ଯେପରି ଇଂରାଜୀ ଶାସନ ଓ ଶିକ୍ଷାକୁ ଯାବୋଡି ଧରିଛୁ ତାକୁ ଛାଡି ପାରିନାହୁଁ । ଜାତିର ଜନକ ମହାତ୍ମାଗାନ୍ଧୀ ପ୍ରଚଳିତ ଶିକ୍ଷାବ୍ୟବସ୍ଥାର ଦାରିଦ୍ର୍ୟ ବିଷୟରେ ଏତେ ଦୂର ସଚେତନ ଥିଲେ ଯେ କେବଳ ମୌଳିକ ଶିକ୍ଷାଭଳି ଏକ ବିକଳ୍ପର ପରିବର୍ତ୍ତନ କରିଥିଲେ ତାହା ନୁହେଁ, ନିଜର ପିଲାମାନଙ୍କୁ ମଧ୍ୟ ସାଂପ୍ରତିକ ଶିକ୍ଷାଠାରୁ ଦୂରେଇ ରଖିଥିଲେ । ସେହିପରି ଆମ ଦେଶର ମୋଟଲୋକ ସଂଖ୍ୟାର ଅଧିକାଂଶ ମହିଳା ରହିଥିଲେ ବି ପୁରୁଷମାନଙ୍କ ସମାଜରେ ମହିଳାମାନଙ୍କୁ ଅବଳା ଦୁର୍ବଳା କହି ସେମାନଙ୍କର ସ୍ଥିତି ଓ ଭୂମିକାକୁ ଅତି ନିମ୍ନକରି ଦିଆଯାଇଛି । କିନ୍ତୁ ଅପର ପକ୍ଷରେ ଏକ ସୁସ୍ଥସମାଜ ଗଠନ ଓ ଦେଶର ସାମୂହିକ ବିକାଶ ଦିଗରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ମହିଳାମାନଙ୍କ ବିକାଶ ଯେତିକି ଯେତିକି କରାଯାଉଛି, ଆଜିସମାଜରେ ମଧ୍ୟ ସେତିକି ସେତିକି ସେମାନଙ୍କ ପ୍ରତି ନିର୍ଯ୍ୟାତନା ଏକ ଦୈନନ୍ଦିନ ଘଟଣା ପାଲଟିଛି। ତଥାପିସେମାନେ ଦୁଃଖ କଷ୍ଟ ନିର୍ଯ୍ୟାତନାମଧ୍ୟରେବର୍ଷବର୍ଷ ଧରିସମାଜରେଚଳି ଆସୁଛନ୍ତି । ଅନୁସନ୍ଧାନରୁଜଣା ଯାଏ ଯେ ମହିଳା ନିର୍ଯ୍ୟାତନା ଓ ସମାସ୍ୟାକେବଳ ଉପଯୁକ୍ତଶିକ୍ଷା ଓ ଚିନ୍ତାଚେତନାର ଅଭାବଯୋଗୁବଢ଼ି ଚାଲିଛି । ଏଥିଯୋଗୁବିଭିନ୍ନକ୍ଷେତ୍ରରେଶୋଷିତଲାଞ୍ଛିତ, ନିର୍ଯ୍ୟାତିତ ଓ ଯୌନ ନିର୍ଯ୍ୟାତନାରଶିକାରମହିଳାମାନେ ହେଉଛନ୍ତି । ବର୍ତ୍ତମାନ ସମାଜରେ ବନ୍ଧନହୀନ ନାରୀର ଦୈନନ୍ଦିନ ପ୍ରତିଯୋଗିତାର ପ୍ରତିବନ୍ଧକତା ନାହିଁ । ଆଜିର ନଷ୍ଟ ପରିବେଶ, ବିଦେଶୀଚାପ ତଥା ଅପସଂସ୍କୃତିର ବିକୃତ ମାନସିକତାର କୁପ୍ରଭାବ ବିଷୟରେ ଆମେ ସଚେତନ ହେଉଛେ ଯେତେବେଳେ ସେତେବେଳେ ଆମର ମୌଳିକଶିକ୍ଷା ଓ ନାରୀରମହତ୍ୱକୁ ଉପଲବ୍ଧି କରିପାରିଲେ ମଧ୍ୟ ଅବକ୍ଷୟ ରଥକୁ ଅଟକାଇ ପାରି ନାହୁଁ । ସେହିପରିଗାନ୍ଧିଜିକିପରିଗାଁକୁ ପ୍ରଗତିରକେନ୍ଦ୍ରଭାବେଚାହୁଁଥିଲେ ଓ ବର୍ତ୍ତମାନରଢ଼ାଞ୍ଚାକିପରିକାମକରୁଛି ଏ ସବୁର ଆଲୋଚନାବିତର୍କଖୁବ୍‌ଜରୁରୀ । ଏପରିକିବିକାଶକ୍ଷେତ୍ରରେବର୍ତ୍ତମାନ ଦୁନିଆରେଚାଲୁଥିବାତର୍କବିଷୟରେ ମଧ୍ୟ ଲୋକଙ୍କୁସଚେତନ କରୁଥିବାଉଚିତ୍ । ବୃହତ୍‌ଶିଳ୍ପ ଓ ସ୍ମାଟ୍‌ସିଟିଭଳିକାର୍ଯ୍ୟକ୍ରମ ଯଥା ନୀତିହୀନ ପ୍ରତିଯୋଗିତା, ନଷ୍ଟ ପରିବେଶ ଓ ଅମାନବିକତାମହିଳା ନିର୍ଯ୍ୟାତନାଇତ୍ୟାଦି ପ୍ରଗତିରମାପକାଠି ନା ସରଳରୋଗମୁକ୍ତସ୍ୱଚ୍ଛସବୁଜ ପରିବେଶଭରାଗାଁ ଭିତ୍ତିକ ସୁନ୍ଦର ଜୀବନ ପ୍ରଗତିତାହା ନିଜକୁ ନିଜେସାଧାରଣଜନତାବିଚାରକରିବା ଦରକାର । ଉପରୋକ୍ତସଚେତନତାରଉଦ୍ରେକ ପାଇଁକେବଳ ଅକ୍ଷର ଶିକ୍ଷା ନୁହେଁ, ଗଣତାନ୍ତ୍ରିକ ପ୍ରଗତି, ସ୍ୱାସ୍ଥ୍ୟସେବା, କୃଷି ତଥା ପ୍ରକୃତ ପ୍ରଗତିର ମାପ କାଠିବିଷୟରେ ସାଧାରଣଜନତାଙ୍କସହ ଆଲୋଚନା ମାଧମରେ ସେମାନଙ୍କୁସଚେତନ କରାଯିବା ନିତ୍ୟାନ୍ତି ଆବଶ୍ୟକ । କେବଳ ଗାଁଗଣ୍ଡାର ଲୋକଙ୍କୁ ସଚେତନ କରାଯିବା ଏକ ଦୟାବା ଆଲୋଚନା ପ୍ରସୂତ କାର୍ଯ୍ୟକ୍ରମ କହିଲେଠିକ ହେବ ନାହିଁ । ଏହା ଦେଶକୁ ଠିକଣା ବାଟରେ ଚଲାଇବାର ଏକମାତ୍ର ଉପାୟ । ସର୍ବୋଦୟ ଏକ ସ୍ୱପ୍ନ ନୁହେଁ। ଏକ ଜନ ମଙ୍ଗଳରାଷ୍ଟ୍ରରସାମ୍ବିଧାନିକଲକ୍ଷ, ଏହାହିଁଗାନ୍ଧିରାଷ୍ଟ୍ର ନୀତିରମୂଳ କଥା । ଏକଥା ସତ୍ୟ ଯେ ଆମେବଂଚିଛୁସତ, ମଣିଷ ପରି ନୁହେଁ । ବଡ ଅଟ୍ଟାଳିକାରେ ବାସକରୁଛୁ ସତଛୋଟ ମନ ନେଇ । ଆମେ ଧନୀ ସତ ନିର୍ଦ୍ଧନୀଭାବେ ବଂଚୁଛୁ। ଆମ ପାଖରେସବୁ ଥାଇବି ଆମେଶାନ୍ତିରେ ନାହୁଁ । ଆମମଣିଷ ପଣିଆର ଅବକ୍ଷୟ ହେବାରେ ଲାଗିଛି । ଆଜି ଗାନ୍ଧିଜୀଙ୍କ ବାଣୀଏଭଳି ଅବସ୍ଥାରୁ ରକ୍ଷାକରି ପାରିବ । ତାଙ୍କ ପ୍ରଚଳିତ ଶାନ୍ତି ଓ ଅହିଂସାରବାର୍ତ୍ତା ଏକ ନୂତନ ବିଶ୍ୱସଂସ୍କୃତିର ପ୍ରତିଷ୍ଠା କରିପାରିବ, ଏଥିରେ ତିଳେ ମାତ୍ର ସଂନ୍ଦେହ ନାହିଁ ।



ଅକ୍ଷୟ କୁମାର ରାଉତ

ପାରାଦ୍ୱୀପ ଗଡ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ମହାପୁରୁଷ ଅଚ୍ୟୁତାନନ୍ଦ ଓ ତାଙ୍କର ଭବିଷ୍ୟବାଣୀ

"ଚାରିମେଘ ସିନା ଏକାଠି ହୋଇବେ ସିଂହାସନରେ ବରୁଣ, ବାଇଶି ପାହାଚେ ମିନ ଯେ ଖେଳିବ ଦେଖିବ ଏହି ନୟନ ।" ସଂଜର ମଳିନ ଅନ୍ଧାରରେ ଓଡିଶାର ଅଗଣିତ ପୁରପଲ୍ଲୀରୁ ଏବେବି ଖଜଣୀ ବାଦ୍ୟ ସହ ଏହିଭଳି ଅନେକ ସଂଗୀତ ଭାସି ଆସେ,ଏହାର ରଚିୟତା ହେଉଛନ୍ତି ପ୍ରସିଦ୍ଧ ଭବିଷ୍ୟ ଦ୍ରଷ୍ଟା ସାଧକ,ଭକ୍ତିଯୁଗର ପ୍ରବର୍ତ୍ତକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ । ଉତ୍କଳର ଭକ୍ତିଯୁଗର ପ୍ରବର୍ତ୍ତକ ପଂ-ସଖା(ଅଚ୍ୟୁତ,ଅନନ୍ତ,ବଳରାମ,ଜଗନ୍ନାଥ ଓ ଯଶୋବନ୍ତ)ଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ତାଙ୍କୁ ସ୍ୱିକୃତି ମିଳିଛି । ତାଙ୍କର କର୍ମକ୍ଷେତ୍ର ରୂପେ ପରିଚିତ ଚିତ୍ରୋତ୍ପଳା ନଦୀକୂଳର ପଦ୍ମବନ ନେମାଳୋ ଗ୍ରାମରେ ତାଙ୍କ ସମାଧି ସ୍ଥଳ ତାଙ୍କ ଭକ୍ତ ମାନ ଙ୍କର ମିଳନ କ୍ଷେତ୍ର ରେ ପରିଣତ ହୋଇଛି । ବିଶେଷତଃ ତାଙ୍କର ଜନ୍ମଦିବସ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଏହି କ୍ଷେତ୍ରର ପରିସୀମା ଭଜନ କିର୍ତ୍ତନ ଓ ଯାଗ ଯଜ୍ଞରେ ମୁଖରିତ ହୁଏ । ଆଖପାଖର ପ୍ରତ୍ୟେକ ପରିବାର ଶ୍ରଦ୍ଧାର ସହ ମହାପୁରୁଷଙ୍କ ପ୍ରିୟ ଉଖୁଡା ପେଡି ଭୋଗ ଓ ତୁଳସୀ ମାଳପ୍ରଦାନ କରନ୍ତି । ଜଗନ୍ନା ଙ୍କ ପରି ତୁଳସୀ ମାଳରେ ତାଙ୍କ ପ୍ରତିମୂର୍ତ୍ତି କୁ ବିଭୁଷିତ କରାଯାଏ । କୁହା ଯାଏ ଏହି ଦିନ ସ୍ୱର୍ଗର ରାଜା ଇନ୍ଦ୍ର ମହାପୁରୁଷଙ୍କୁ ସାକ୍ଷାତ ପାଇଁ ଆସନ୍ତି ଓ ସଙ୍କେତ ସ୍ୱରୁପ ଏଠାରେ ସେଦିନ ନିଶ୍ଚୟ ବର୍ଷା ହୁଏ ।

ବିଶାଳ ବକ୍ଷା ମହାନଦୀ କଟକର ନିମ୍ନରେ ଚିତ୍ରୋତ୍ପଳା ନାମକ ନଦୀ ସୃଷ୍ଟି କରିଛି । ଚିତ୍ରୋତ୍ପଳା ଉତ୍କଳ ର ଗଙ୍ଗା ରୂପେ ପୂଜିତ ଓଏହା ଠାରୁ ଲୁଣା ବା ଲବଣଧାରା ନାମକ ନଦୀର ସୃଷ୍ଟି ହୋଇଛି । ଉଭୟ ନଦୀର ସଂଗମ ସ୍ଥଳରେ ତିଳକଣା ନାମକ ଗ୍ରାମ ଏବେବି ଅଛି ।ଏହି ଗ୍ରାମରେ ପାଂଚଶ ବର୍ଷ ତଳେ,ବଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ବେଳେ(ପ-ଦଶ ଶତାବ୍ଦୀ) ଦିନବନ୍ଧୁ ଖୁଣ୍ଟିଆ ଓ ତାଙ୍କ ପତ୍ନୀ ପଦ୍ମାବତୀଙ୍କ ଔରସ ରୁ ଅଚ୍ୟୁତ ଜନ୍ମ ନେଇଥିଲେ ।

"ତିଳକଣାରେ ମୁଁ ଜନମ ଲଭିଲି କେହିନଜାଣିଲେ ମୋତେ ।"

ତାଙ୍କର ଅଜା ଗୋପିନାଥ ମହାନ୍ତି ପୁରୀ ଜଗନ୍ନାଥ ମନ୍ଦିରରେ ଖୁଣ୍ଟିଆ କାମ କରୁଥିଲେ । ପଦ୍ମାବତୀ ତାଙ୍କ ଗର୍ଭରେ ପକ୍ଷୀରାଜ ଗରୁଡ ପ୍ରବେଶ କରିବାର ସ୍ୱପ୍ନ ଦେଖିଲା ପରେ ଅଚ୍ୟୁତ ଜନ୍ମ ନେଲେ । ସେଥିପାଇଁ ତାଙ୍କୁ ଗରୁଡ ଅଂଶରେ ଜନ୍ମ ବୋଲି ଧରାଯାଏ । ଅଚ୍ୟୁତଙ୍କର ବାଲ୍ୟକାଳ ପୁରୀ ରେ କଟିଥିଲା ।ସେ ସଂସ୍କୃତ ଶିକ୍ଷାଲାଭ କରିଥିଲେ ଓ ଚୈତନ୍ୟ ମହାପ୍ରଭ୍ୟ ଙ୍କର ଶିଷ୍ୟ ହୋଇଥିଲେ

ତିଳକଣା ଗ୍ରାମର ଅନତି ଦୂରରେ ଚିତ୍ରୋତ୍ପଳା ନଦୀର ବାଲୁକାମୟ ନିର୍ଜନ, ନାନା ହିଂସ୍ରଜନ୍ତୁ ପୂର୍ଣ୍ଣ ଅରଣ୍ୟ ପ୍ରଦେଶ ନେମାଳୋ ଗ୍ରାମ ଠାରେ ନିଜର ସାଧନା, ଅଚ୍ୟୁତ ଆରମ୍ଭ କଲେ । କୁହାଯାଏ ଏହି ନିର୍ଜନ ପ୍ରଦେଶ ରେ ରହୁଥିବା କେତେକ ଗୋପାଳ ପରିବାର ତାଙ୍କର ପ୍ରଥମ ଶିଷ୍ୟ ହେଲେ । ସେମାନଙ୍କୁ ଦ୍ୱାଦଶ ଗୋପାଳ ବୋଲି ଅଚ୍ୟୁତ ନିଜ କାବ୍ୟରେ ବର୍ଣ୍ଣନା କରିଛନ୍ତି । ସେମାନେ ତାଙ୍କ ଆଶ୍ରମର ଉତ୍ତରାଧିକାରୀ ରୂପେ ଗୋସ୍ୱାମୀ ଓ ମହନ୍ତ ନାମରେ ପରିଚିତ ହୋଇ ଏବେବି ରହିଛନ୍ତି । ଅଚ୍ୟୁତ ଙ୍କର ସ୍ୱପୁତ୍ର ଗଦାଧର ପିତାଙ୍କ ସହ ମନୋମାଳିନ୍ୟ ହୋଇ ପିତାଙ୍କ ଆଦେଶରେ ଆଶ୍ରମ ପରିତ୍ୟାଗ କରି ନିମ୍ନରେ ନୈମିଷ୍ୟାରଣ୍ୟ ବା କୁଦାନଗରୀ ଠାରେ ସ୍ୱ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଅଚ୍ୟୁତ ଆଲୌକିକ ଶକ୍ତିର ଅଧିକାରୀ ଥିଲେ । କୁହାଯାଏ ଜଣେ ମଇଁଷିଆଳକୁ ରାଜରୋଷରୁ ରକ୍ଷା କରିବା ପାଇଁ ସେ ଶୂନ୍ୟରେ ଭରା ମହାନଦୀ ପାରିହୋଇ ଅଢଙ୍ଗ ଗଡରେ ପହ-ଞ୍ଚି ଗୋପାଳ ପାଇଁ ସାକ୍ଷ୍ୟ ପ୍ରଦାନ କରିଥିଲେ । ତାଙ୍କ ଆର୍ଶିବାଦ ରେ ଅନେକ ଅସାଧ୍ୟ ରୋଗ ଭଲ ହେବାର କିମ୍ବଦନ୍ତି ରହିଛି ।କୁହାଯାଏ ଅଚ୍ୟୁତ ଲକ୍ଷ ଅଶି ହଜାର କାବ୍ୟ ରଚନା କରିଥିଲେ । ତାଙ୍କ ଦ୍ୱାରା ରଚିତ ଛୟାଳିଶ ପୋଟଳ, ଗୁରୁଭକ୍ତି ଗୀତ, ଅମର ଯୁମର କଥା, ଶୂନ୍ୟ ସଂହିତା ଅତି ଗୁଢ ଓ ରହସ୍ୟମୟ ଗ୍ରନ୍ଥ । ପାପୀ,ମୁଢ ଅଚ୍ୟୁତ ନାମରେ ଭଣିତ ଅସଂଖ୍ୟ ଭଜନ ଏବେବି ଲୋକେ ଗାନକରୁଛନ୍ତି । ତାଙ୍କର ଭବିଷ୍ୟ ମାଳିକା ପାଇଁ ସେ ସାରା ରାଜ୍ୟରେ ବିଖ୍ୟାତ । ମାତ୍ର ପରବର୍ତ୍ତି କାଳରେ ଅନେକ ଗ୍ରନ୍ଥକାର ଅଚ୍ୟୁତ ନାମରେ ମାଳିକା ମାନ ରଚନା କରିବାରୁ ପ୍ରକୃତ ମାଳିକା କିଏ ଜାଣିବା ଅସମ୍ଭବ ହୋଇପଡିଛି । କିଛି ବର୍ଷ ତଳେ ଝିଣ୍ଟିଶାସନର ଜଣେ ବ୍ୟକ୍ତି ନିଜ ପାଖରେ ଅସଲ ମାଳିକା ଅଛି ବୋଲି କହି କିପରି ହଟଚମକ କଲେ ତାହା ସମସ୍ତେ ଜାଣନ୍ତି । ଅଚ୍ୟୁତାନନ୍ଦ ଓ ଅନ୍ୟ ସଖା ମାନେ ଉତ୍କଳୀୟ ବୈଷ୍ଣବ ଧର୍ମର ପ୍ରବକ୍ତା ଥିଲେ । ଚୈତନ୍ୟ ମହାପ୍ରଭୁଙ୍କ ସାଙ୍ଗରେ ଆସିଥିବା ଗୌଡୀୟ ବୈଷ୍ଣବ ମାନେ ଭକ୍ତି ଭଜନ ଉପରେ ପ୍ରଧାନ୍ୟ ଦେଉଥିଲେ । ସେମାନେ କୃଷ୍ଣଙ୍କୁ ପୂର୍ଣ୍ଣ ବ୍ରହ୍ମ ବୋଲି କହୁଥିଲେ, ଉତ୍କଳୀୟ ବୈଷ୍ଣବ ମାନଙ୍କୁ ନ୍ୟୁନ ଦୃଷ୍ଟି ରେ ଦେଖିଲେ । ଏ ଥିପାଇଁ ଉଭୟ ପନ୍ଥୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା । ଅଚ୍ୟୁତ ଏହାକୁ ନେଇ ବାସନା ଚରିତ ଗୀତ ଲେଖିଥିଲେ । ଚୈତନ୍ୟ ଜଗନ୍ନାଥ ଦାସଙ୍କୁ ଅତିବଡି କହିବାରୁ ଗୌଡୀୟ ମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ପରିତ୍ୟାଗ କଲେ । ଅନେକ ମନେ କରନ୍ତି ଏହି ବିବାଦ ହିଁ ତାଙ୍କ ମୃତ୍ୟୁର କାରଣ ହୋଇଥିଲା । ଅଚ୍ୟୁତ ଶୂନ୍ୟ ବାଦ ଓ ରହସ୍ୟ ବାଦରର ପ୍ରଚାର କରିଥିଲେ । ତାହା ବୌଦ୍ଧ ମହାଯାନ ଓ ନାଥ ସଂପ୍ରଦାୟର ଅନୁରୁପ । ଶରୀର ରହସ୍ୟମୟ । ପିଣ୍ଡ ହିଁ ବ୍ରହ୍ମାଣ୍ଡ । ଶରୀର ରୂପି ବୃକ୍ଷରେ ଆତ୍ମା ପକ୍ଷୀ ରୂପେ ଖେଳୁଛି । ଶୂନ୍ୟ ହିଁ ପୂର୍ଣ୍ଣ । ବ୍ରହ୍ମ ନିରାକାର, ନିର୍ଗୁଣ,ସ୍ୱର୍ଶ ଦର୍ଶନର ଅତୀତ । ଏହାକୁ ଶୂନ୍ୟ-ପୂର୍ଣ୍ଣ ବାଦ କୁହାଯାଏ । ଶୂନ୍ୟ ମଧ୍ୟରେ ପୂର୍ଣ୍ଣର ସନ୍ଧାନ ମିଳେ । ଜଗନ୍ନାଥ ହିଁ ପୂର୍ଣ୍ଣବ୍ରହ୍ମ । ଅନ୍ୟମାନେ ତାଙ୍କର ଅଂଶ । ନାଦ ହିଁ ବ୍ରହ୍ମ । ନାଦ ରୁ ସଂସାର ସୃଷ୍ଟି । ନାଦରେ ବ୍ରହ୍ମ ଲୁକାୟିତ ଅଛନ୍ତି । ଶରୀର ମଧ୍ୟରେ ଜୀବନ ବାୟୁ ଆକାରରେ ଇଆଁଳା,ପିଅଂଳା ଓ ସୁଷୁମୁନା ନାଡି ଦେଇ ବିଭିନ୍ନ ଚକ୍ର(ଷଡ ଚକ୍ର) ଦେଇ ଉଦ୍ଧଗାମୀ ହୁଏ ଓ ଆତ୍ମା ରୂପି କମଳ କୁ ସ୍ୱର୍ଶ କରେ । ଭକ୍ତି ସହ ଜ୍ଞାନ ହିଁ ଈଶ୍ୱର ଉପଲବ୍ଧୀର ଉପାୟ । ତାଙ୍କ ପୁସ୍ତକରେ ଶୁଖିଲା ପୋଖରି ରେ ଲହଡି ମାରିବା, ହଳୁଆ ନଥାଇ ହଳ ହେବା, ଓଲଟ ବୃକ୍ଷରେ ହଂସ ଖେଳିବା,ଡିମ୍ବ ଥାଇ ଛୁଆ ଉଡିଯିବା ବାଇମନ ହୋ ବସି ହଂସକୁ ଖେଳା,ବ୍ରହ୍ମ ରନ୍ଧ୍ର ଭଳି ଅନେକ ରହସ୍ୟମୟ ସାଙ୍କେତିକ ଶବ୍ଦ ବ୍ୟବହାର ହୋଇଛି ।ମୁଖ୍ୟତଃ ବୌଦ୍ଧ ଧର୍ମ ଭଳି ସେ ରହସ୍ୟ,ତନ୍ତ୍ର ବାଦର ପ୍ରଚାର କରିଥିଲେ ଓ ବୁଦ୍ଧଙ୍କୁ ଦଶଅବତାର ମଧ୍ୟରୁ ଗୋଟିଏ ବୋଲି ଉପସ୍ଥାପନା କରିଥିଲେ । ଜଗନ୍ନାଥ ବୌଦ୍ଧ ଅବତାର ଏହା ସେ ପ୍ରତିପାଦନ କରିଛନ୍ତି । ସେମାନେ ଜାତିଭେଦ ମାନୁନଥିଲେ । ସମସ୍ତେ ଈଶ୍ୱର ଙ୍କୁ ପାଇପାରିବେ । ସଂସ୍କୃତ ସାହିତ୍ୟ କୁ ଓଡିଆ ରେ ସାଧାରଣ ଲୋକଙ୍କ ପାଇଁ ସେମାନେ ଉପସ୍ଥାପନା କରିଥିଲେ । ତାଙ୍କ ଦ୍ୱାରା ରଚିତ ହରିବଂଶ ପୁସ୍ତକ ଘରେଘରେ ପଢା ଯାଇଛି । ନିଜର ଦ୍ରିବ୍ୟ ଦୃଷ୍ଟିରେ ସେ ଭବିଷ୍ୟତରେ ସମାଜରେ କିପରି ଅବସ୍ଥା ସୃଷ୍ଟି ହେବ ତାହା ପ୍ରକାଶ କରିଛନ୍ତି । କଳି ଯୁଗର ସମାପ୍ତ ହେବ,ପାପୀ ମାନେ ବିନିଷ୍ଟ ହେବେ,ସତ୍ୟ ଯୁଗ ଆରମ୍ଭ ହୋଇ ସୁଖ ଶାନ୍ତି ବିରାଜମାନ ହେବ ବୋଲି ସେ ଭବିଷ୍ୟ ବାଣି କରିଛନ୍ତି । ପୁରୀରୁ ବିଶେଷ ପରସ୍ଥିତିରେ ଜଗନ୍ନାଥ ଛତିଆ ବଟକୁ ସ୍ଥାନାନ୍ତର ହେବେ ବୋଲି ସେ ମଧ୍ୟ କହିଛନ୍ତି । ସେ ମଧ୍ୟ ପରଜନ୍ମ ରେ ଛତିଆର ହାଡିଦାସ ମହାତ୍ମା ରୂପେ ଜନ୍ମ ନେବେ ବୋଲି ଲେଖିଥିଲେ । ସେ ଗୋପାଳ ଥିବାରୁ ଅନେକ ଶାସନୀ ବ୍ରାହ୍ମଣ ମାନେ ଏପର୍ଯ୍ୟନ୍ତ ତାଙ୍କ ପ୍ରସାଦ ଖାଇବାକୁ କୁଣ୍ଠା ପ୍ରକାଶ କରନ୍ତି । ଉପକୂଳ ଓଡିଶାର ଲକ୍ଷ ଲକ୍ଷ ସାଧାରଣ ଲୋକ ତାଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ଯେପରି ପ୍ରକାଶ କରନ୍ତି ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ବର୍ତ୍ତମାନ କରୋନା ବିଭୀଷିକା ମଧ୍ୟରେ ସମସ୍ତେ ତାଙ୍କ ଭବିଷ୍ୟ ବାଣି ସ୍ମରଣ କରୁଛନ୍ତି ।



ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

# କରୋନା ବନାମ୍ ଆମ ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମୀ !

ସଂପ୍ରତି ଆମ ଦେଶରେ ମହାମାରୀ କରୋନା ଭୁତାଣୁ ନିଜର ଦ୍ୱିତୀୟ ଲହରର ତାଣ୍ଡବ ଜାରୀ ରଖିଛି। ଆହୁରି ମଧ୍ୟ ତୃତୀୟ ଲହର କେତେବେଳେ ଆସିଯିବ, କହି ହେଉନାହିଁ। କିନ୍ତୁ ଏହାର ମୁକାବିଲା କରିବା ପାଇଁ ଆମ ଦେଶ ଓ ରାଜ୍ୟ ସରକାର ମାନେ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। କେତେକ ରାଜ୍ୟରେ ଲକ୍ ଡ଼ାଉନ୍, ସଟ୍ ଡ଼ାଉନ ଓ ରାତି କର୍ଫ୍ୟୁ ଚାଲୁ ରହିଛି। ଏହା ବ୍ୟତୀତ ଆଉ କୌଣସି ବାଟ ନାହିଁ। ତଥାପି ସଂକ୍ରମଣ ପ୍ରାୟତଃ ଆୟତ୍ତକୁ ଆସୁନାହିଁ। ବାସ୍ତବତା ହେଲା, ଏହି ମହାମାରୀର ସାମ୍ନା ପାଇଁ ଆମ ଦେଶ ଓ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସକ୍ଷମ ହେଉନାହିଁ। କରୋନା ରୋଗୀଙ୍କ ପାଇଁ ଆବଶ୍ୟକ ଶଯ୍ୟା, ଅମ୍ଳଜାନ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି ଆଦି ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଅବସ୍ଥାରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଂପର୍କରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ନଥିବା କୁହାଯାଉଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ବ୍ୟମସ୍ଥା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ଉପରୋକ୍ତ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଉଚିତ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଏଣୁ ସ୍ୱାସ୍ଥ୍ୟ ସେବା ଯୋଜନା ଗୁଡ଼ିକୁ ଅଧିକ କ୍ରିୟାଶୀଳ କରାଇବାର ଆବଶ୍ୟକତା ରହିଛି। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ବଢ଼ି ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଏଯାଏ ପୂରଣ ହୋଇ ପାରିନାହିଁ। ସରକାରୀ ଡ଼ାକ୍ତରଖାନାର ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରିକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରିକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼ୁଛି ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି। ଡ଼ାକ୍ତରଖାନା ଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡ଼ୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ଠିକ୍ ସମୟରେ ରୋଗୀଙ୍କୁ ବଣ୍ଟା ଯାଇପାରେ ନାହିଁ। କିଛି ସମୟସୀମା ଶେଷ ପରେ ବଣ୍ଟା ଯାଏ ଓ ଆଉ କିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଉଥିବା କୁହାଯାଏ। ମୋଟ ଉପରେ ଆମର ଚିକିତ୍ସା ସେବା ବ୍ୟବସ୍ଥା ଏଭଳି ଢଙ୍ଗରେ ହେବା ଉଚିତ ଯେ, ରୋଗୀ ମାନେ ଘରୋଇ ଡାକ୍ତରଖାନା ନ ଯାଇ ବରଂ ଆନନ୍ଦରେ ସରକାରୀ ଡ଼ାକ୍ତରଖାନା ଯିବେ। ବାସ୍ତବତା ଦେଖାଗଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହୋଇ ପାରି ନାହିଁ। କୌଣସି ସମୟରେ ଏନ୍‌ଏଚ୍‌ଏମ୍ ଯୋଜନା ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ଭଗବାନଙ୍କୁ ଜଣା ! ଆଜି ଯେତିକି ଭିତ୍ତିଭୂମିର ବିକାଶ ହୋଇଛି, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ ବୋଲି କୁହା ଯାଇପାରେ। ଅବଶ୍ୟ ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ମଧ୍ୟ ଅନେକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଶହଶହ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଉପକରଣ କିଣା ଯାଉଛି। ସେସବୁ ରୋଗୀ ମାନଙ୍କ ସେବାରେ କିପରି ଲାଗିବ, ସେଥିପ୍ରତି ସ୍ୱାସ୍ଥ୍ୟ ଅଧିକାରୀ ମାନେ ସଚେତନ ହେବା ଆବଶ୍ୟକ। ବେବେବେଳେ କିଣା ଯାଉଥିବା ଅଧିକାଂଶ ଔଷଧ ଓ ଉପକରଣ ଅତି ନିମ୍ନ ମାନର ବୋଲି ଅଭିଯୋଗ ହୋଇଥାଏ। ଯଦିଓ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତାର ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତା, ତେବେ ମିସନ୍ ଅର୍ଥରେ ବି ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇ ସାରନ୍ତାଣି। ଆଜି ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କାହିଁକି ଆଦର୍ଶ କରିପାରି ନାହିଁ, ସେ ସଂପର୍କରେ ବ୍ୟାପକ ବିଶ୍ଳେଷଣ ହେବା ଉଚିତ। ଅଯଥା ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ଅପାରଗତା ଓ ସରକାରୀ ନିୟମ ଉଲଘଂନ ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇ ଚାଲିଛି। କାହିଁକି ଚିକିତ୍ସା ସେବାରେ ଉନ୍ନତି ହୋଇ ପାରୁନି ବା ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ହେଉନାହିଁ, ସେ ସଂପର୍କରେ ସ୍ୱାସ୍ଥ୍ୟ ପ୍ରଶାସନ ଚିନ୍ତା କରିବା ଉଚିତ।

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼"(ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତ୍ତିଭୂମିର କିଛି ବିକାଶ ହୋଇଥିଲେ ହେଁ ଡ଼ାକ୍ତର ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି। ତେବେ ଡ଼ାକ୍ତର ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତ୍ତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ। ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର ଓ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫। ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର,୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟାକନ୍ଦ୍ର,୨୮ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନା(୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନା(୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସ ଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩। ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ ଭିନ୍ନ କଥା, ହେଲେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି। ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍‌ଏନ୍, ଡ଼ିପିଏଚ୍‌ଏନ, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲ୍‌ଟି, ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି। ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି। ଜାତୀୟ ସ୍ତରରେ ସମାନ ହେବାକୁ ଏଠାରେ ଆଉ ଅଧିକ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି। ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିୟମ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ରହିଛି। କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି। ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି। ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି। ଆମ ପଡ଼ୋଷୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି। ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ ଟି ମେଡ଼ିକାଲ୍ କଲେଜ ରହିଛି। ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତ୍ତୀର୍ଣ୍ଣ ହେଉଛନ୍ତି। ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତ୍ତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି। ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ। ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତ୍ତିଭୂମିର ବିକାଶ ହୋଇପାରିବ। ଆଜି କରୋନା ଭୁତାଣୁର ତାଣ୍ଡବରୁ ରକ୍ଷା ପାଇଁ ଆମେ ଡ଼ହଳ ବିକଳ ହେଉଛେ। ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତର କାର୍ଯ୍ୟରତ ଥାନ୍ତେ, ତେବେ ହୁଏତ ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରି ପାରିଥାନ୍ତା।



ଶରତ କୁମାର ରାଉତ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍ ,
ଭୁବନେଶ୍ୱର,
ମୋ-୯୩୩୭୩୬୯୪୪୮




# ଓଡ଼ିଶାର ସ୍କୁଲ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ: ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗ ଆସନ୍ତା ୨୬ ତାରିଖରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ଖୋଲି ପାଠପଢ଼ା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଦୁଇଟି ଶ୍ରେଣୀ ପାଇଁ ସ୍କୁଲ ଖୋଲିବାର ନିଷ୍ପତିକୁ କଂଗ୍ରେସ ସ୍ୱାଗତ କଲାବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କର କରୋନା ମହାମାରୀରୁ ନିରାପତା ବିଷୟରେ ଯଥେଷ୍ଟ ଧ୍ୟାନ ଦେଇନାହାନ୍ତି ବୋଲି କଂଗ୍ରେସ ଅନୁଭବ କରେ। ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ଭିତରୁ ବର୍ତ୍ତମାନ ପର୍ଯ୍ୟନ୍ତ ୬୦ଭାଗ ପ୍ରଥମ ଟୀକା ନେଇଥିବା ବେଳେ ମାତ୍ର ୪୦ ଭାଗ ଦ୍ୱିତୀୟ ଟୀକା ନେଇଛନ୍ତି। ଅର୍ଥାତ ଏମାନେ ସମସ୍ତେ ମହାମାରୀର କବଳରୁ ମୁକ୍ତ ନୁହଁନ୍ତି ସେହି ଦୃଷ୍ଟିରୁ ତୁରନ୍ତ ସ୍କୁଲ ଖୋଲିବା ପୂର୍ବରୁ ଏମାନଙ୍କର ଟୀକାକରଣ ପାଇଁ ସରକାର ଆଶୁପଦକ୍ଷେପ ନେବାପାଇଁ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି। ସମ୍ପ୍ରତି ରାଜ୍ୟର ସ୍କୁଲ ଶିକ୍ଷା ଏକ ବିକଳ ଚିତ୍ର ନେଇ ଆମ ସାମ୍ନାରେ ଛିଡ଼ା ହୋଇଛି। ଗତବର୍ଷ ମହାମାରୀ ଆରମ୍ଭ ଦିନରୁ ପିଲାଙ୍କର ପାଠ ପଢ଼ାରେ ଡୋରି ବନ୍ଧା ହୋଇଛି ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ। ଅନଲାଇନ ପାଠପଢ଼ା ଏକ ପ୍ରହସନ ପାଲଟିଛି। ନିଜେ ଗଣଶିକ୍ଷା ମନ୍ତ୍ରୀ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୨% ପିଲା ଅନଲାଇନ ପାଠ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି। ୨୦୨୧-୨୦୨୧ ମସିହାରେ ଇକୋନୋମିକ ସର୍ଭେ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାର ଟେଲିଫୋନ ଯୋଗାଯୋଗର ଘନତା ୭୬.୪୬ ଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହାର ଘନତା ୮୭.୩୭। ଗ୍ରାମାଂଚଳରେ ପ୍ରତି ୧୦୦ ଜଣରେ ୩୪.୫୧ ଜଣଙ୍କ ପାଖରେ ଟେଲିଫୋନ ଥିବା ବେଳେ ସହରାଂଚଳରେ ଏହା ୮୫.୯୮। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୫୧,୩୧୧ ଗାଁ ଭିତରୁ ୧୧୦୦ ଗାଁରେ ମୋବାଇଲ ଯୋଗାଯୋଗ ନାହିଁ। ଏଥିରୁ ପ୍ରମାଣିତ



ଅନଲାଇନ ପାଠପଢ଼ା ଏକ ପ୍ରହସନ ବ୍ୟତିତ ଅନ୍ୟକିଛି ନୁହେଁ। ବାସ୍ତବରେ ପିଲାଙ୍କ ସ୍ୱାର୍ଥ ପାଇଁ ନୁହଁ ବରଂ ଟେକ୍ନୋଲୋଜି କମ୍ପାନୀ ମାନଙ୍କର ସ୍ୱାର୍ଥପାଇଁ ଏହା ଅଭିପ୍ରେତ ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।ସଂପ୍ରତି ଓଡ଼ିଶାରେ ୧୪୦୦୦ ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଏହା ଭିତରୁ ୭୦୦୦ରୁ ଅଧିକ ସ୍କୁଲ ଗୁଡ଼ିକ ମିଶ୍ରଣ କରିବାରେ ପ୍ରକ୍ରିୟା ଶେଷ କରିଛନ୍ତି। ମାତ୍ର ଏହା ବାସ୍ତବରେ ମିଶ୍ରଣ ନୁହେଁ ବରଂ ସ୍କୁଲ ବନ୍ଦ ଯୋଜନା। ଏହି ସବୁ ସ୍କୁଲ ଗୁଡ଼ିକ ଅପହଂଚ ଅଂଚଳରେ ଅବସ୍ଥିତ ଏବଂ ଏଠାରେ ପ୍ରାୟ ଆଦିବାସୀ, ଦଳିତ ଏବଂ ଗରିବ ଶ୍ରେଣୀର ପିଲାମାନେ ପଢ଼ନ୍ତି। ଏହି ସ୍କୁଲ ବନ୍ଦ ହୋଇଗଲେ ସେହିପିଲାମାନଙ୍କର ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ। ଶିକ୍ଷା ଅଧିକାର ଆଇନ ୨୦୦୯ର ଏହା କେବଳ ବିରୋଧିତା କରେ ନାହିଁ ଅଧିକନ୍ତୁ ଏହା ଡ୍ରପଆଉଟ ସମସ୍ୟାକୁ ଅଧିକ ଘନିଭୁତ କରାଇବ। ସରକାର ଏଭଳି ଶିକ୍ଷା ଓ ଛାତ୍ର ବିରୋଧି ନିଷ୍ପତିରୁ କ୍ଷାନ୍ତ ରହନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଶିକ୍ଷକ ମାନଙ୍କୁ କୋଭିଡ ଯୋଧାର ମାନ୍ୟତା ଦେବା ଦାବି କରିବା ସହିତ ବର୍ତ୍ତମାନ ପର୍ଯ୍ୟନ୍ତ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ୩ହଜାରରୁ ଅଧିକ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଅନୁକମ୍ପା ସହାୟତା ଦେବାକୁ ଶ୍ରୀ ଦାସ ମଧ ଦାବି କରିଛନ୍ତି। ପ୍ରଥମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଓ ୧୦ ମ ଶ୍ରେଣୀ ପାଇଁ ପାଠ ପଢ଼ାର କଣ ବନ୍ଦୋବସ୍ତ ସରକାର କରୁଛନ୍ତି ଏବଂ ସେମାନଙ୍କ ପାଇଁ ସ୍କୁଲ କେବେ ଖୋଲିବେ ସେ ବିଷୟରେ ସରକାର ଓଡ଼ିଶାବାସୀଙ୍କୁ ଜଣାଇବାକୁ କଂଗ୍ରେସ ମଧ ଅନୁରୋଧ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଥିଲେ ଯେ, ଓଡ଼ିଶାର ଆଦିବାସୀ ଓ ଦଳିତ ଲୋକଙ୍କ ଅଂଚଳ କୋରାପୁଟରେ ଅବସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହା ଏକ ପ୍ରକାର ଅଚଳ ବ୍ୟବସ୍ଥାରେ ଅଛି। ୧୪ ଟି ବିଭାଗ ପାଇଁ ମାତ୍ର ୧୭ଜଣ ଶିକ୍ଷକଶିକ୍ଷୟତ୍ରୀ ଅଛନ୍ତି। ବିଶ୍ୱବିଦ୍ୟାଳୟ ଲାଗି ଅନୁମୋଦିତ ୧୫୪ ନିୟମିତ ଶିକ୍ଷକ ପଦପଦବୀ ମଧ୍ୟରୁ ୧୩୭ଟି ଖାଲି ପଡ଼ିଛି। ମାତ୍ର ୧୧ ପ୍ରତିଶତରେ ଚାଲିଛି ଶିକ୍ଷାନୁଷ୍ଠାନ। ୧୪ଟି ବିଭାଗରେ ୧ ହଜାର ଶିକ୍ଷକ ଥିଲାବେଳେ ସବୁଠାରୁ ଦୁଃଖର ବିଷୟ ଏହିକି ଯେ ସରକାର ମାତ୍ର ୧୭ ଜଣ ଶିକ୍ଷକଶିକ୍ଷୟିତ୍ରୀ ଦେଇଛନ୍ତି। ଦେଶରେ ୪୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟର ନାମ ସର୍ବନିମ୍ନ ଅଟେ। ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟରେ ମାତ୍ର ୧୧୫ ଜଣ ଅଣଶିକ୍ଷକ ପଦର ବ୍ୟବସ୍ଥା ହୋଇଥିବା ବେଳେ ସେଥିରୁ ୯୩ଟି ଖାଲି ପଡ଼ିଛି ଅର୍ଥାତ ୮୦ ପ୍ରତିଶତ କର୍ମଚାରୀ ନାହାନ୍ତି। ଶ୍ରୀ ନୱାଜ ଏଠରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ତୁରନ୍ତ ଏହାକୁ ବିଚାରକୁ ନିଅନ୍ତୁ ଏବଂ ଆବଶ୍ୟକ ଥିବା ପଦବୀ ପୂରଣ କରନ୍ତୁ। ଅନ୍ୟପକ୍ଷରେ ଶ୍ରୀ ନୱାଜ ଓଡ଼ିଶାରେ ଥିବା ପ୍ରାଇଭେଟ ସ୍କୁଲ ମାଲିକ ଏବଂ ସରକାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ସ୍କୁଲ ଫି ଛାଡ଼ପାଇଁ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପ୍ରାଇଭେଟ ସ୍କୁଲ ମାଲିକମାନେ ବେଖାତିର କରୁଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କର ତଂଟିଚିପି ସ୍କୁଲ ମାଲିକମାନେ ଅର୍ଥ ଆଦାୟ କରୁଥିବାବେଳେ ରାଜ୍ୟ ସରକାର ଜଳ ଜଳ ହୋଇ ଅନାଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କେଉଁ କେଉଁ ସ୍କୁଲ କେତେ ଫି କେତେ ଛାତ୍ରଛାତ୍ରୀଙ୍କୁ ଛାଡ଼ କଲେ ତାହା ସର୍ବସାଧାରଣରେ ପ୍ରକାଶ ହେଉ। ପ୍ରାଇଭେଟ ସ୍କୁଲ ମାଲିକ ମାନଙ୍କର ଶୋଷଣ ବିରୁଦ୍ଧରେ ଆଗାମୀ ଦିନରେ ସବୁ ପ୍ରାଇଭେଟ ସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀଙ୍କର ସ୍ୱାର୍ଥକୁ ନେଇ ବିକ୍ଷୋଭ କରାଯିବ ବୋଲି ଶ୍ରୀ ନୱାଜ କହିଛନ୍ତି।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ। ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାରର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା। ହେଲେ ଆଜି ପ୍ରର୍ଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଟ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ। ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ। ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ। ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ। ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା। ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା। ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ। ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି। ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ। ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ। ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତର କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି। ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ। ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଚ୍ଛ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଧୂମପାନ ଓ ଲିଭର୍ ସମସ୍ୟା



ମାତ୍ର କେଇ କ୍ଷଣିକର ଆନନ୍ଦ। ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ। ଧ୍ୱଂସ ହେଉଛି ମାନବ ସମ୍ବଳ। ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି। ପଇସା ଦେଇ କିଣୁଛେ ରୋଗ। ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦୋକାନ ଆଉ ଡାକ୍ତରଖାନାରେ। ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ। ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ। ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ମାର୍ଚ୍ଚ ମାସ ୪ ତାରିଖକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି। ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ। ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ। ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ। ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି। ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ। ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା। ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା। ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ କରାଗଲା। ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ। ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏବେଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡ଼ୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ। ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା। ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ। ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା। କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା। ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା। ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି। ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି। ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ। ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି। ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ଫ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା। ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ। ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି। ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ। ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ। ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ। ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା।। ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା!

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ମାର୍ଚ୍ଚ-୨୭ରେ ଶେଷ ହେବ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜିକରଣ

ଭୁବନେଶ୍ୱର (ପିଏନ୍)-ଓଡ଼ିଆ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସଂପ୍ରସାରଣ ଉଦ୍ଦେଶ୍ୟରେ 'ସଂଭାବନା' ପକ୍ଷରୁ ଚାଲିଥିବା ଅଭିଯାନ ହେଉଛି, ଓଡ଼ିଆ ମହୋତ୍ସବ। ଷୋଡଶ ବର୍ଷ ପାଇଁ ଉତ୍କଳ ଦିବସ, ଅପ୍ରେଲ-୧ ତାରିଖଠାରୁ ଅପ୍ରେଲ-୧୪ ତାରିଖ ଓଡ଼ିଆ ନୂଆବର୍ଷ, ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଓ ଏହାର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ମଧ୍ୟ ଷୋଡଶ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜିକରଣ ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରତିଦିନ ସଂଧ୍ୟା ୬ଘଟିକାଠାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଆସନ୍ତା ମାର୍ଚ୍ଚ-୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଆଣୀମାନେ ନିଜର ନାମ ପଞ୍ଜୀକରଣ କରିପାରିବେ। ସେହିଭଳି କେବଳ ଓଡ଼ିଆଣୀ ନୁହଁନ୍ତି, ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜିତ ହେଉଛି। ୫ରୁ ୧୦, ୧୧ରୁ ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ଚିତ୍ରାଙ୍କନ, ହସ୍ତାକ୍ଷର, ଶ୍ରୁତଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ ଆଦି। ବିଶ୍ୱ ପଖାଳ ଦିବସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗ୍ରହୀମାନେ ତୁରନ୍ତ ଆସି ନାମ ପଞ୍ଜିକରଣ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଉଦ୍ଦିଷ୍ଟ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ସଂଭାବନାର ପରିଚାଳନା ଟ୍ରଷ୍ଟି ଓ ସଂପାଦକ ଦେବପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ, ସଦସ୍ୟା ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପ୍ରମୁଖ ଅନୁରୋଧ କରିବା ସହ ଦୂରଭାଷ- ୯୪୩୭୧ ୬୪୪୬୧ରେ ଆବଶ୍ୟକ ହେଲେ ଯୋଗାଯୋଗ କରିବାକୁ ଜଣାଇଛନ୍ତି।

# ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ



ଭୁବନେଶ୍ୱର (ପିଏନ୍): ନିକଟଅତୀତରେ ବିଧାନସଭାରେ ଆଲୋଚନାବେଳେ ବିଭାଗୀୟ ମନ୍ତ୍ରୀ ମହୋଦୟ କହିଛନ୍ତି ଯେ ଓଡ଼ିଶା ଏକ ଖାଉଟି ରାଜ୍ୟ। ବାହାର ରାଜ୍ୟମାନଙ୍କରୁ ଓଡ଼ିଶାକୁ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ ଆସିଥାଏ। କିନ୍ତୁ ଓଡ଼ିଶାରୁ ବାହାରକୁ ସେପରି କିଛି ଖାଉଟି ସାମଗ୍ରୀ ଯାଇନଥାଏ। ଫଳରେ ଖାଉଟି ସାମଗ୍ରୀ ଅନ୍ତର୍ଗତ ମାଛ, ଅଣ୍ଡା, ପନିପରିବା, ଫଳମୂଳ, ଆଳୁ, ପିଆଜ ଇତ୍ୟାଦି ଆନ୍ଧ୍ର, କର୍ଣ୍ଣାଟକ, ଛତିଶଗଡ଼, ଝାରଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତିରୁ ଆସିଥାଏ। ସେହିପରି ଭାବରେ ପୋଷାକ ପରିଧାନ, ପ୍ରତିଘରେ ଆବଶ୍ୟକ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ବାହାରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ସ୍ୱାଧୀନତା ପରେ ପ୍ରାୟ ୭୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶା ଖାଉଟି ରାଜ୍ୟ ହୋଇ ରହିଛି। ଦିନେ ଆମର ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗ ଓଡ଼ଶାରୁ ମାଛ, ଚାଉଳ, ପନିପରିବା ଇତ୍ୟାଦି ଆମଦାନୀ କରୁଥିଲାବେଳେ ଏବେ ତିନି ଚାରି ଦଶନ୍ଧି ଧରି ସେଠାରୁ ଓଡ଼ିଶାକୁ ପନିପରିବା, ପୋଷାକ ପରିଧାନ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ବହୁ ପରିମାଣରେ ଆସୁଛି। ସେହିପରି ଝାଡ଼ଖଣ୍ଡର ରାଞ୍ଚି ଅଞ୍ଚଳରୁ ଏବଂ ଛତିଶଗଡ଼ର ରାୟପୁର ଅଞ୍ଚଳରୁ, ମହାରାଷ୍ଟ୍ରର ନାସିକ ଓ ନାଗପୁର ଅଞ୍ଚଳରୁ କର୍ଣ୍ଣାଟକ, ଆନ୍ଧ୍ର ଓ ତାମିଲନାଡୁ ଅଞ୍ଚଳରୁ ମାଛ, କୁକୁଡ଼ା ସମେତ ବିଭିନ୍ନ ପ୍ରକାର ଫଳମୂଳ ଆମଦାନୀ କରାଯାଇଥାଏ। ଓଡ଼ିଶାର ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ଏମାନଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ। ଓଡ଼ିଶା ବାହାରୁ ଆମଦାନୀ କରାଯାଉଥିବା ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ସୌଖୀନ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ଏ ରାଜ୍ୟରେ ବିକ୍ରି ହୁଏ। ଧାନ ବା ଚାଉଳ ବିକ୍ରି କରି ଗ୍ରାମାଞ୍ଚଳର ଲୋକମାନେ ଏସବୁ ସାମଗ୍ରୀ କ୍ରୟ କରନ୍ତି ଏବଂ ପୁଅଝିଅର ପାଠପଢ଼ା, ବିବାହବ୍ରତ ଓ ଅନ୍ୟାନ୍ୟ ସାମାଜିକ ଖର୍ଚ୍ଚ ପୂରଣ କରିଥାନ୍ତି। ଖାଉଟି ସାମଗ୍ରୀ କ୍ରୟ କରିବା ପାଇଁ ହାତରୁ ପଇସା ଚାଲିଯିବା ପରେ ଆଉ ଯେତିକି ଅବଶିଷ୍ଟ ରୁହେ ଧାନ ଚାଉଳ ବିକ୍ରି କରିବା ପରେ ତାହା ସାମାଜିକ କାର୍ଯ୍ୟ କରିବା ପାଇଁ ନିଅଣ୍ଟ ହୁଏ। ତେଣୁ ପିଲାଙ୍କ ପାଠପଢ଼ା, ଝିଅଙ୍କ ବିଭାଘର ଅନ୍ୟାନ୍ୟ ସାମାଜିକ ଉତ୍ସବ ପାଳନ କରିବା ପାଇଁ ଲୋକମାନଙ୍କୁ ଋଣ କରିବାକୁ ପଡ଼ିଥାଏ। ଏହି କାରଣରୁ ଓଡ଼ିଶା ଲୋକମାନେ ଗରିବ। ୨୦୦୦ ମସିହାର ତଥ୍ୟ ଅନୁସାରେ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କିନ୍ତୁ ଏଇ ୧୮ ବର୍ଷ ମଧ୍ୟରେ ଛୋଟବଡ଼ କିଛି ଶିଳ୍ପ ସ୍ଥାପନ ହୋଇଥିବାରୁ ଲୋକମାନଙ୍କୁ କିଛି ନିଯୁକ୍ତି ମିଳିଛି ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ। ବିଜୁ ପଟ୍ଟନାୟକ ପ୍ରଥମ ଦଫାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିଳ୍ପ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ସେ ବିଷୟ ପ୍ରତି ଆଉ ବିଶେଷ ଧ୍ୟାନ ଦିଆଯାଇନଥିଲା। ପୁନର୍ବାର ଅଶୀ ଦଶକରୁ ଦୁଇ ଦଶନ୍ଧି ଧରି ଭିତ୍ତିଭୂମିର ବିକାଶ, ଶିଳ୍ପ ବ୍ୟବସାୟ ବାଣିଜ୍ୟ ପ୍ରସାର ପାଇଁ କିଛି ଗୁରୁତ୍ୱ ଦେବା ଯୋଗୁଁ ଲୋକମାନେ କୃଷି କ୍ଷେତ୍ର ଛାଡ଼ି ବାଣିଜ୍ୟ ବ୍ୟବସାୟକୁ ଆଦରି ନେଇଥିଲେ ଅଧିକ ରୋଜଗାର କରିବା ପାଇଁ। ଗତ ଦଶ ବର୍ଷ ଧରି ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାରୁ ଅନେକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପ ସ୍ଥାପନ କରାଯାଇଛି। ବେଦାନ୍ତ, ପୋସ୍କୋ, ଆରସେଲ୍ ମିତ୍ତଲ ପ୍ରଭୃତି ବିଭିନ୍ନ କାରଣରୁ ଶିଳ୍ପ ସ୍ଥାପନ ନକରି ଫେରି ଯାଇଥିଲେ ସୁଦ୍ଧା ଓଡ଼ିଶାର ଭିତ୍ତିଭୂମି ଖଣିଜ ସାମଗ୍ରୀ ଓ ବେଳାଭୂମି ବ୍ୟବହାର କରିବା ପାଇଁ ପୁନର୍ବାର ଉଦ୍‌ଯୋଗୀମାନଙ୍କର ଧାଡ଼ି ଲାଗିଛି ଶିଳ୍ପ ସ୍ଥାପନ ପାଇଁ। ଏସବୁ କଲାବେଳେ କୃଷି ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କୌଣସି ସରକାର ଦେଇପାରିନାହାନ୍ତି। ଫଳରେ ଓଡ଼ିଶାରେ କୃଷି ଉତ୍ପାଦନ ଗତ କେତେବର୍ଷ ମଧ୍ୟରେ ଦୁଇ ପ୍ରତିଶତ ବୃଦ୍ଧିରେ ସୀମାବଦ୍ଧ ରହିଛି। ଲୋକସଂଖ୍ୟା ବୃଦ୍ଧି ସହିତ ଗ୍ରାମାଞ୍ଚଳ ଓ ସହରର ଚାହିଦା ମଧ୍ୟ ବଢ଼ିଛି, କିନ୍ତୁ ଚାହିଦା ଅନୁସାରେ ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ପୋଷାକ ପରିଧାନ ଇତ୍ୟାଦି, ରାଜ୍ୟରେ ଉତ୍ପନ୍ନ କରିବା ପାଇଁ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ଫଳରେ ବାହାର ରାଜ୍ୟମାନଙ୍କରୁ ବିପୁଳ ପରିମାଣର ଖାଉଟି ସାମଗ୍ରୀ ଓଡ଼ିଶାକୁ ଆସୁଛି। ଏହି ସୁଯୋଗ ନେଇ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସାଧାରଣ ସାମଗ୍ରୀର ଦରବୃଦ୍ଧି ଅଧିକ। ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାଯାଏ ଯେ ଜାତୀୟ କ୍ଷେତ୍ରରେ ମୂଲ୍ୟବୃଦ୍ଧି ୪.୮୩ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ତାହା ୭.୯୨ ପ୍ରତିଶତ ହୋଇଛି। ପରିବା, ଫଳମୂଳ, ମାଛ, ଅଣ୍ଡା, କୁକୁଡ଼ା, ଖାଇବା ତେଲ, ଆଳୁ, ପିଆଜ, ଲଙ୍କାମରିଚ ଇତ୍ୟାଦି ଆବଶ୍ୟକ ହେଉଥିବା ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବେଶୀ। ଗୋଟିଏ ଦିଗରେ ଓଡ଼ିଶାର ଅଧିକାଂଶ ଲୋକଙ୍କ ହାତରେ ଅର୍ଥର ଅଭାବ ଲାଗି ରହିଥିବାବେଳେ ଧାନ ଚାଉଳ ବିକ୍ରି କରି ଯାହା କିଛି ଉପାର୍ଜନ ହୋଇଥାଏ। ଧାନ ଚାଉଳ ବିକ୍ରି କରି ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ବ୍ୟୟ ହୋଇଥାଏ। ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ଲାଗି ରହିଥିବା ପାର୍ଥକ୍ୟ ଦୂର କରିବାକୁ ହେଲେ ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି ଯଦି ପରିବା, ଫଳମୂଳ, ଖାଦ୍ୟସାମଗ୍ରୀ, ପୋଷାକ ପରିଧାନ, ଗୃହୋପକରଣ ଇତ୍ୟାଦି ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ଭିତରେ ଉତ୍ପନ୍ନ ହୁଏ ତେବେ ଓଡ଼ିଶା ଲୋକଙ୍କର ହାତକୁ ରୋଜଗାର ଆସିବ ଏବଂ ଦାରିଦ୍ର୍ୟ ଓ ମୂଲ୍ୟବୃଦ୍ଧିର ଗଞ୍ଜଣାର ସମାଧାନ କରାଯାଇପାରିବ। କିନ୍ତୁ ଧନ୍ଦା ଓ କୌଶଳ ଶିକ୍ଷା ପାଇଁ ସରକାର ତତ୍ପରତା ଦେଖାଇନଥିବାରୁ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ଆସୁଛନ୍ତି। ସେହିପରି ତିନୋଟି ସମୟର ଅଭାବ ପୂରଣ କରିବା ପାଇଁ ହଜାର ହଜାର ଓଡ଼ିଶାବାସୀ ଅନ୍ୟାନ୍ୟ ରାଜ୍ୟକୁ ଯାଇଥା'ନ୍ତି ରୋଜଗାର କରିବା ପାଇଁ। ଏଇ ପ୍ରଥା ବନ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିବ।

**(ସୌଜନ୍ୟ: ରଘୁନାଥ ମହାପାତ୍ର, ଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦)**

## ସ୍କୁଲ୍ ପାଠ୍ୟକ୍ରମରେ ଚେସ୍: ଏହାକୁ କାର୍ଯ୍ୟକାରୀ କରିବାରେ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ହେଉଛି କିସ୍




ଭୁବନେଶ୍ୱର (ପିଏନ୍)-ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ନେଇ ଆନ୍ତର୍ଜାତିକ ଚେସ୍ ସଂଘ ପରିକଳ୍ପନା କରିଥିବା ବେଳେ ବିଭିନ୍ନ ଦେଶରେ ଏହାକୁ ସ୍କୁଲ୍ ପାଠ୍ୟକ୍ରମରେ ସାମିଲ୍ କରାଯାଉଛି। ଏହି କ୍ରମରେ ଭାରତରେ ମଧ୍ୟ ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ପଇଁ ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ନିଷ୍ପତି ନେଇଛନ୍ତି। ଏଥିପାଇଁ ଏଆଇସିଏଫ୍ ଓ ନିଖିଳ ଉତ୍କଳ ଚେସ୍ ସଂଘ (ଏଓସିଏ) ପକ୍ଷରୁ କିସ୍‌କୁ ଦେଶର ପ୍ରଥମ ବିଦ୍ୟାଳୟ ଭାବେ ନିଆଯାଇଛି। ଏହି ଉପଲକ୍ଷେ ଗତକାଲି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିଏଫ୍‌ର ସମ୍ପାଦକ ଶ୍ରୀ ଭରତ ସିଂ ଚୌହାନ, ସଭାପତି ଡ. ସଂଜୟ କାପୁର, ଉପ-ସଭାପତି ଶ୍ରୀ ଭବେଶ ପଟେଲ୍, କୋଷାଧ୍ୟକ୍ଷ ଶ୍ରୀ ନରେଶ ଶର୍ମା, ନିଖିଳ ଉତ୍କଳ ଚେସ୍ ସଂଘର ସଭାପତି ଶ୍ରୀ ରଂଜନ କୁମାର ମହାନ୍ତି ଓ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବାରେ କିସ୍ ପ୍ରଥମ ଅନୁଷ୍ଠାନ ବୋଲି ଘୋଷଣା କରିଥିଲେ। ଆନ୍ତର୍ଜାତିକ ଚେସ୍ ଫେଡେରେସନ୍ (ଫିଡେ) ଏହାକୁ ପରିଚାଳନା କରିବ। କିଟ୍ ଓ କିସ୍ ଏଥିପାଇଁ ଆବଶ୍ୟକ ଭିତିଭୂମି ଯୋଗାଇ ଦେଉଥିବା ବେଳେ ଫିଡେ ଓ ଏଆଇସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଉଭୟ କିଟ୍ ଓ କିସ୍ ଶିକ୍ଷା ସହ କ୍ରୀଡାର ପ୍ରସାର ପାଇଁ ସମାନ ଗୁରୁତ୍ୱ ଦେଇ ଆସୁଛି। ଓଡିଶାରେ ଦୀର୍ଘ ୧୦ବର୍ଷ ଧରି କିଟ୍ ଓ କିସ୍ ଜରିଆରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଚେସ୍‌ର ପ୍ରସାର କରିଆସୁଛନ୍ତି। ଯାହାଫଳରେ କିଟ୍‌ରୁ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଚେସ୍ ଖେଳାଳି ବାହାରି ପାରିଛନ୍ତି। ବିଶେଷ କରି କିଟ୍ ଓ କିସ୍ ଆଂଚଳିକ ସ୍ତରଠାରୁ ଆନ୍ତର୍ଜାତିକ ଚେସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ କରି ଚେସ୍ କ୍ରୀଡା ଓ ଚେସ୍ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। କିସ୍‌ରେ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରିବାପାଇଁ ଦୀର୍ଘ ୧ବର୍ଷ ହେଲା ଏଆଇସିଏଫ୍ ପକ୍ଷରୁ ଯୋଗାଯୋଗ କରାଯାଇଆସୁଥିଲା। ଏଥିନିମନ୍ତେ କିଟ୍ ଓ କିସ୍‌ରେ ପର୍ଯ୍ୟାପ୍ତ ଭିତିଭୂମି ଓ ପ୍ରଶିକ୍ଷକ ରହିଥିବା ଯୋଗୁଁ ଏହାକୁ ପ୍ରଥମେ କିସ୍‌ରୁ ଆରମ୍ଭ କରାଯିବା ପାଇଁ ଏଆଇସିଏଫ୍ ପକ୍ଷରୁ ସିଦ୍ଧାନ୍ତ ନିଆଯାଇ କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କ ସହ ଆଲୋଚନା କରାଯାଇଥିଲା। ଶ୍ରୀ ସାମନ୍ତ ସର୍ବଦା କ୍ରୀଡାକୁ ପ୍ରୋତ୍ସାହନ ଦେଇ ଆସୁଥିବାରୁ ଏଭଳି ଏକ ଉତମ ଓ ସୁନ୍ଦର ପରିକଳ୍ପନାକୁ ପାଠ୍ୟକ୍ରମରେ ସାମିଲ୍ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ଫଳରେ ୨୦୨୧-୨୨ ଶିକ୍ଷାବର୍ଷଠାରୁ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବା ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଗତକାଲି ଏହି ଅବସରରେ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରି ଏହି ପ୍ରୟାସ ପାଇଁ ଏଆଇସିଏଫ୍ ଓ ଏଓସିଏ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି। ଏହାଦ୍ୱାରା କିସ୍ ତଥା ଓଡିଶାରୁ ଅନେକ ଚେସ୍ ଖେଳାଳି ଆନ୍ତର୍ଜାତିକ ସ୍ତରରେ ସେମାନେ ସେମାନଙ୍କର ପ୍ରତିଭା ପ୍ରତିପାଦନ କରିପାରିବେ ବୋଲି କିସ୍‌ର ପ୍ରତିଷ୍ଠାତା କହିଛନ୍ତି। ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍ ସାମିଲ୍ ହେଲେ ଏହା ଛାତ୍ରଛାତ୍ରୀଙ୍କୁ ବେଶ୍ ସହାୟକ ହେବ ଏବଂ ବିଶେଷ କରି କିସ୍‌ର ବହୁ ଜନଜାତି ଛାତ୍ରଛାତ୍ରୀ କେବଳ ଚେସ୍ ଖେଳାଳି ହୋଇ ବାହାରିବେ ନାହିଁ; ବରଂ ଏହାଦ୍ୱାରା ସେମାନଙ୍କ ମାନସିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ଏଆଇସିଏଫ୍ ଓ ଏଓସିଏର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## କୋଭିଡ଼୍ ସଚେତନତା ସମ୍ପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ବାହାରେ କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଜିଲ୍ଲାପାଳ ସନତ କୁମାର ମହାନ୍ତି ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବିଡ଼ିଓ ଏବଂ ସରପଂଚମାନଙ୍କ ସହ କୋଭିଡ଼୍ ନିୟମ ପାଳନ ଓ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ସଂକ୍ରମଣକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନ କରିବା, ମାସ୍କ ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ରଖିବାକୁ ଗୁରୁତ୍ୱ ଦେଇଥିଲେ। ଜନସମାବେଶ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ କୋଭିଡ଼୍ ନିୟମ କଡ଼ାକଡ଼ି ଭାବରେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ସଭାସମିତି ଓ ଜନସମାବେଶ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ଠାରୁ ଆବଶ୍ୟକ ଅନୁମତି ନେବାକୁ ପଡ଼ିବ। ଜନସମାବେଶରେ ନିର୍ଦ୍ଧାରିତ ସଂଖ୍ୟକ ଲୋକମାନେ ଯୋଗଦେଇ-ପାରିବେ। କୋଭିଡ଼୍ ଟୀକାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ମାନଙ୍କର କୋଭିଡ଼୍ ଟୀକାକରଣ ଚାଲୁରହିଛି। ଏହି ଭିଡ଼ିଓ କନ୍‌ଫରେନସିଂରେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅନୁଜ କୁମାର ଦାସପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ବିଶ୍ୱରଂଜନ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରଶାନ୍ତ କୁମାର ଦାସ, ଡ଼େପୁଟି କଲେକ୍ଟର ବଳରାମ ବାଗ ପ୍ରମୁଖ ଯୋଗ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




Bhubaneswar Sunday July 25, 2021 ଭୁବନେଶ୍ୱର ରବିବାର, ଜୁଲାଇ ୨୫,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଅଧାପନ୍ତରିଆ ଅବସ୍ଥାରେ ସରକାରୀ ବାସଗୃହ, ବାହାରେ ରହୁଛନ୍ତି କର୍ମଚାରୀ



ଖଣ୍ଡପଡା: ଖଣ୍ଡପଡା ସହରାଂଚଳର ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । ମାତ୍ର ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ହେଉ ନଥିବାରୁ ସହରାଂଚଳର ବିଭିନ୍ନ ସ୍ଥାନରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଖଣ୍ଡପଡା ସହରର ଉମାଦେବୀ ଛକ ନିକଟସ୍ଥ ଆମ୍ବତୋଟା ପରିସରରେ ଏନଏସି କର୍ମଚାରୀମାନଙ୍କ ରହିବା ନିମନ୍ତେ ବାସଗୃହ ନିର୍ମାଣ କାର୍ଯ୍ୟ ଗତ ୫ବର୍ଷ ତଳେ ଆରମ୍ଭ ହୋଇଥିଲା । ତାହା ଏବେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଅନାବନା ଗଛଲତାରେ ଭର୍ତ୍ତୀ ହୋଇଥିବା ସରକାରୀ ବାସଗୃହ ୨ଟି ବିଷଧର ସରିସୃପମାନଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ପାଲଟିଛି । ବାସଗୃହ ୨ଟି ପୂର୍ଣ୍ଣାଙ୍ଗ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁନାହାନ୍ତି । ଫଳରେ ସରକାରୀ ବାସଗୃହ ଅଭାବରୁ ଏନଏସି କାର୍ଯ୍ୟ ନିର୍ବାହୀଙ୍କ ଠାରୁ ଆରମ୍ଭ କରି ଏଠାରେ କାର୍ଯ୍ୟରତ ବାହାର କର୍ମଚାରୀମାନେ ଅନ୍ୟତ୍ର ଘରଭଡା ନେଇ ରହୁଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁଁ ସରକାରୀ ବାସଗୃହ ଖଣ୍ଡେ ନପାଇ ଏନଏସି କର୍ମଚାରୀମାନେ ବାରଦୁଆର ଶୁଣ୍ଢିପିଣ୍ଡା ହେଉଥିବା ସାର ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ୪ଟି ପଂଚାୟତରେ ଟୀକାଦାନ କେନ୍ଦ୍ର, ପଂଚାୟତବାସୀ ଖୁସ

ଖଣ୍ଡପଡା: ଖଣ୍ଡପଡା ସମସ୍ତ ଜନସାଧାରଣଙ୍କୁ ଟିକାଦାନ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଥାସାଧ୍ୟ ଉଦ୍ୟମ ଜାରିରହିଛି । ଗାଁ ଗଣ୍ଡାରେ ଶହ ଶହ ବ୍ୟକ୍ତି କୋଭିଡ ଟିକା ନେବାରୁ ବଂଚିତ ହୋଇଥିବା ନେଇ ବାରମ୍ବାର 'ସମାଜ'ରେ ଖବର ପ୍ରକାଶ ପାଇବା ପରେ ନୟାଗଡ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକ ଅଧିନ ଆଦିବାସୀ ଅଧ୍ୟୁଷିତ ପଂଚାୟତ ଗୁଡିକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୀକାଦାନ କେନ୍ଦ୍ର ଖୋଲାଯାଇଛି । ଖଣ୍ଡପଡା ବ୍ଲକର କୋସକା, ବଳଭଦ୍ରପ୍ରସାଦ, ମର୍ଦ୍ଦରାଜପୁର ଓ ବେଣାଗାଡିଆ ପଂଚାୟତର ପଥରଦ୍ୱାର ଗ୍ରାମସ୍ଥିତ ଅଙ୍ଗନଓ୍ୱାଡି କେନ୍ଦ୍ର ପରିସରରେ ଶନିବାର ଟୀକା କେନ୍ଦ୍ର କାର୍ଯ୍ୟ ଆରମ୍ଭ କରିବା ପରେ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଟୀକାଦାନ କେନ୍ଦ୍ରରେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର, ନର୍ସ ଓ କର୍ମଚାରିମାନେ ଉପସ୍ଥିତ ରହି ଜନସାଧରଣଙ୍କ କୋଭିଡ ପରୀକ୍ଷା କରିବା ସହ ଟୀକା ପ୍ରଦାନ କରିଥିଲେ ।

## ରକ୍ତଦାନ ଶିବିରରୁ ୩୦ୟୁନିଟ ସଂଗ୍ରହ

ଖଣ୍ଡପଡା : ଖଣ୍ଡପଡା ଟାଉନ ମଡେଲ ୟୁପି ବିଦ୍ୟାଳୟ ପରିସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପଠାଣି ସାମନ୍ତ ପୂଜ୍ୟ ପୂଜାପରିଷଦ ଓ ମାମା ମେମୋରିଆଲ ଟ୍ରଷ୍ଟ, ଖଣ୍ଡପଡା ଆନୁକୁଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାପଡିଛି । ନୟାଗଡ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ମହେନ୍ଦ୍ର କୁମାର ବାରିକଙ୍କ ସମେତ ସହଯୋଗୀମାନେ ରକ୍ତଦାନ ଶିବିର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତଙ୍କୁ ଆୟୋଜକ ମାନେ କୃତଜ୍ଞତା ଜଣାଇଛନ୍ତି ।

# ବୃଷବନ୍ଧ ପାହାଡରୁ ପଥର ଉତୋଳନ ବିବାଦ : ଉପଜିଲ୍ଲାପାଳଙ୍କ ଆଦେଶକୁ ଖାତିର ନାହିଁ ପୁଲିସ

ଖୋର୍ଦ୍ଧା : ଟାଙ୍ଗି ତହସିଲ କୁଞ୍ଜୁରୀ ପଂଚାୟତ ଅଧିନସ୍ଥ ରାଜସ୍ୱ ବିଭାଗର ବୃଷବନ୍ଧ ପାହାଡ ରୁ ପଥର ଉତୋଳନକୁ ନେଇ ଦେଖାଦେଇଛି ବିବାଦ । ପଥର ଉତୋଳନଲାଗି ନିଲାମ ଧାରୀ ନିଲାମ ପାଇଥିଲେ ହେଁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପଥର ଉତୋଳନ ରେ ବାଧକ ସାଜୁଛନ୍ତି । ଯାହାଫଳରେ ଲକ୍ଷାଧିକ ମୂଲ୍ୟରେ ନିଲାମ ନେଇଥିବା ନିଲାମଧାରୀ ଏବେ ନିରାଶ । ପଥର ଉତୋଳନରେ ବ୍ୟାଘାତ ସୃଷ୍ଟି କରୁଥିବା ବିଶୃଙ୍ଖଳିତ ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ କାର୍ଯ୍ୟାଦେଶ ମିଳିଥିବା ନିଲାମଧାରୀ ସୁରକ୍ଷା ଯୋଗାଇବାକୁ ପୂର୍ବତନ ଉପ-ଜିଲ୍ଲାପାଳ ଏସପିଙ୍କୁ ଚିଠି ଲେଖିଥିବାବେଳେ ଆସନ୍ତା ଅଗଷ୍ଟ ୩୧ ତାରିଖ ଯାଏଁ ସେଠାରେ ପୁଲିସ ଫୋର୍ସ ମୃତୟନ କରିବାକୁ ପୂର୍ବତନ ଉପ-ଜିଲ୍ଲାପାଳ ଆଦେଶ ଦେଇଥିଲେ । ମାତ୍ର ଏ ଆଦେଶକୁ ପୁଲିସ ଫୁ କରି ଉଡାଇ ଦେଇଥିବା ଜଣାଯାଇଛି । ପ୍ରକାଶ ଥାଉକି, ଟାଙ୍ଗୀ ତହସିଲ ତରଫରୁ କଟକ ସି.ଡ଼ି.ଏ ମାର୍କେଟ୍ର ସୁବ୍ରତ କୁମାର ପଟ୍ଟନାୟକଙ୍କୁ ବୃଷବନ୍ଧ ପାହାଡ଼ରୁ ପଥର ଉତୋଳନ ନିମନ୍ତେ ନିଲାମ ଦିଆଯାଇଥିଲା । ଟାଙ୍ଗୀ ତହସିଲଦାର ଶ୍ରୀ ପଟ୍ଟନାୟକଙ୍କୁ କାର୍ଯ୍ୟଦେଶ ଦେବା ପରେ ତାଙ୍କର ଲୋକମାନେ ପାହାଡ଼ରୁ ପଥର ଉତୋଳନ ଆରମ୍ଭ କରିଥିଲେ । ମାତ୍ର ସ୍ଥାନୀୟ ଅଂଚଳରେ କେତକ ଲୋକ ପଥର ଉତୋଳନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିଥିଲେ । ସ୍ଥାନୀୟ ଲୋକମାନେ ବେଆଇନ ବ୍ଲାଷ୍ଟିଂ ପ୍ରସଂଗ ଉଠାଇ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିବାବେଳେ ଅନେକ ଥର ପାହାଡ଼ରୁ ପଥର ଉତୋଳନ ସମୟରେ ଗଣ୍ଡଗୋଳ, ବୋମାମାଡ଼, ଆକ୍ରମଣ ଅଭିଯୋଗ ଟାଙ୍ଗୀ ଥାନାରେ ହୋଇଆସୁଛି । ଉଭୟ ପକ୍ଷରୁ ଏ ସକ୍ରାନ୍ତରେ ଟାଙ୍ଗୀ ଥାନାରେ ମାଳ ମାଳ ମାମଲା ହୋଇଥିବା ଘଟଣା ନିଲାମଧାରୀ ଶ୍ରୀପଟ୍ଟନାୟକ ଘଟଣା ସମ୍ପର୍କରେ ଟାଙ୍ଗୀ ତହସିଲଦାରଙ୍କୁ ଅବଗତ କରିଥିଲେ । ଗତ ୨୮ ତାରିଖରେ ଟାଙ୍ଗୀ ତହସିଲଦାର ଘଟଣା ସମ୍ପର୍କରେ ଉପ-ଜିଲ୍ଲାପାଳଙ୍କ ଲିଖିତ ଭାବେ ଜଣାଇବା ପରେ ଗତ ୨୯ ତାରିଖରେ ପୂର୍ବତନ ଉପ-ଜିଲ୍ଲାପାଳ ଅଶୋକ ବେଉରିଆ ଆସନ୍ତା ଅଗଷ୍ଟ ୩୧ ତାରିଖ ଯାଏଁ ବୃଷବନ୍ଧ ପାହାଡ଼ରେ ପୁଲିସ ଫୋର୍ସ ମୃତୟନ କରିବାକୁ ଏସପିଙ୍କୁ ପତ୍ର ଲେଖିଥିଲେ । ସେହିପରି ପଥର ଉତୋଳନ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ପରାମର୍ଶ ଦେଇଥିଲେ ବୋଲି ଜଣାପଡ଼ିଛି । ମାତ୍ର ଉପଜିଲ୍ଲାପାଳଙ୍କ ଏ ନିର୍ଦ୍ଦେଶକୁ ସତେ ଯେମିତି ଟାଙ୍ଗି ପୁଲିସ ଭାଁଏ ଭାଁଏ ଉଡାଇଦେଇଥିବା ଅଭିଯୋଗ ହେଉଛି । କାରଣ ଗତ ୨୯ରେ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ଏହାର ୪ଦିନ ପରେ ପୁଣି ପଥର ଉତୋଳନ ବେଳେ କିଛି ନ୍ୟସ୍ତ ସ୍ୱାର୍ଥୀ ବ୍ୟକ୍ତି ହାତରେ ମାରଣାସ୍ତ୍ର ଧରି ଖଣି ମଧ୍ୟକୁ ପଶି ଆକ୍ରମଣ କରିଥିଲେ । ଏନେଇ ଖଣି ବୁଝୁଥିବା ସୁପରଭାଇଜର ଅମୂଲ୍ୟଜେନା ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ ଏଯାବତ କୌଣସି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଯାହା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପୁଲିସ କାହା ଚାପରେ ପଡ଼ି ଉପଜିଲ୍ଲାପାଳଙ୍କ ଆଦେଶକୁ ଖାତିର ନକରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କୁ ଅନୁକମ୍ପା ଦେଖାଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## କେନ୍ଦ୍ରାପଡା ଜିଲାରେ ଆଜି ୫୯କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶନିବାର ୫୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜକନିକା ବ୍ଲକରେ ୭ଜଣ, ରାଜନଗର ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୨ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

# ପ୍ରଗତି ଚାରିଟେବୁଲ ଟ୍ରଷ୍ଟର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଓ ବୃକ୍ଷରୋପଣ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରଗତି ଚାରିଟେବୁଲ ଟ୍ରଷ୍ଟ ଅଫ ଇଣ୍ଡିଆ ଓ ମହାକାଳପଡା ବିକାଶ ମଞ୍ଚର ମିଳିତ ଆନୁକୁଲ୍ୟରେ ନିଗମାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାରସ୍ୱତ ସମାବେଶ, ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ଓ ମଞ୍ଚର ଅଧ୍ୟକ୍ଷ ପରିବେଶବିତ କାଶୀନାଥ ରାଉତରାୟଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏବଂ ଶିକ୍ଷାବିତ କେଶବ ଚନ୍ଦ୍ର ପରମାଣିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ରତ୍ନାକର ରାଉତରାୟ ମୁଖ୍ୟ ଅତିଥି, ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ରାଜଶ୍ରୀର ସମ୍ପାଦକ ଆଶୁକବି ହେମନ୍ତ ଜେନା, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ଭାଗୀରଥି ନନ୍ଦ, ଅଶୋକ କୁମାର ମହାପାତ୍ର, ଗୋପାଳ ଚନ୍ଦ୍ର ଦାସ, ଚପଳା ବିଶ୍ୱାଳ ଓ ଯୁବ ସମାଜସେବୀ ଅକ୍ଷୟ କୁମାର ତରାଇ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଅଧ୍ୟକ୍ଷ ଶ୍ରୀ ରାଉତରାୟ ସ୍ୱାଗତ ଭାଷଣ ଓ ଶ୍ରୀ ନନ୍ଦ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ବିକାଶ ମଞ୍ଚର ସମ୍ପାଦକ ବିଚିତ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଦିବାକର ନାଥ ଶର୍ମା, ବ୍ୟଙ୍ଗ କବି ଅପର୍ତ୍ତି ଚରଣ ସେଠୀ, ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଗତ ହାଇସ୍କୁଲ ପରୀକ୍ଷାରେ ଶତକଡା ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀ ଭବାନୀ ପ୍ରସାଦ ମିଶ୍ର, ଜିତେନ୍ଦ୍ର କୁମାର ପାଇଟାଳ, ଦେବୀଦତ୍ତା ସାହୁ, ଐଶ୍ୱର୍ଯ୍ୟ ଜେନା, ମେହେର ଖାତୁନ, ଅଙ୍କିତା ପ୍ରିୟଦର୍ଶିନୀ ପାତ୍ର, ଉପାସନା ସାହୁ ଓ ସତ୍ୟମ ତ୍ରିପାଠୀ ପ୍ରଭୃତିଙ୍କୁ ମାନପତ୍ର,ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟ ଓ ମଞ୍ଚର ସଦସ୍ୟମାନେ ସେହି ବିଦ୍ୟାଳୟ ପରିସରରେ ଆମ୍ବ, କୃଷ୍ଣଚୂଡା, ରାଧାଚୂଡା, ବଉଳ, ଓଲଟ ଦେବଦାରୁ, ଲିମ୍ବ, କଦମ୍ବ ପ୍ରଭୃତି ବୃକ୍ଷର ଚାରା ରୋପଣ କରିଥିଲେ । କମଳାକାନ୍ତ ବାରିକ, ମାନଭଞ୍ଜନ ପ୍ରଧାନ, ଧନେଶ୍ୱର ସେଠୀ, ନିରଞ୍ଜନ ଓଝା, ନଗେନ୍ଦ୍ର ଚୌଧୁରୀ, ଭରତ ଚନ୍ଦ୍ର ରାଉତରାୟ, ନିରୋଜ ନଳିନୀ ପ୍ରଧାନ, ଶ୍ରୀକାନ୍ତ ଜେନା, ବିଶ୍ୱନାଥ ରାଉତରାୟ, ରଘୁନାଥ ସେଠୀ, ମାଗୁଣି ଚରଣ ଜେନା, ପ୍ରଫୁଲ୍ଲ କୁମାର ବେହେରା ଓ ରାମଚନ୍ଦ୍ର ଓଝା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ବାଲି ଚୋରା ଚାଲାଣ, ୧୪ଟି ହାଇଓ୍ୱା ଜବତ, ୪ଲକ୍ଷ ଟଙ୍କା ଜରିମାନା ଆଦାୟ



ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା, କଂଟିଲୋ ନିକଟସ୍ଥ ପଥରଚକଡା ଓ ବେଣାଗାଡିଆ ପଂଚାୟତର ମୁରାରୀପୁର ମହାନଦୀ ଘାଟରୁ ବେଆଇନ ଭାବେ ଚୋରାରେ ବାଲି ଚାଲାଣ କରୁଥିବା ୧୪ଟି ହାଇଓ୍ୱା ଗାଡିକୁ ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦା ଶନିବାର ଦିନ ଚଢାଉ କରି ଜବତ କରିଥିବା ଜଣାପଡିଛି । ବାଲି ବୋଝେଇ ହାଇଓ୍ୱା ଗାଡି ଗୁଡିକ ଜାଲ କେ ଫର୍ମ ବଳରେ ଆଖପାଖ ଅଂଚଳକୁ ବାଲି ଚାଲାଣ କରି ଲକ୍ଷଲକ୍ଷ ଟଙ୍କା ଆୟ କରୁଥିବା ତହସିଲଦାର ଶ୍ରୀ ହାଁସଦା ସୂଚନା ଦେଇଛନ୍ତି । ତେବେ ଜବତ ହାଇଓ୍ୱା ଗାଡି ଗୁଡିକରୁ ଜରିମାନା ବାବଦରେ ସର୍ବମୋଟ ୪ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଖଣ୍ଡପଡା ତହସିଲ କର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ମୃତ୍ୟୁସହ ସଂଗ୍ରାମ କରୁଛନ୍ତି ଶୁଭଶ୍ରୀ, ଆର୍ଥିକ ସହାୟତା ପାଇଁ ନ୍ତମା' ର ଆକୁଳ ନିବେଦନ



ରଣପୁର (ପି.ଏନ) ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତର କୃଷ୍ଣଚନ୍ଦ୍ରପୁର ଗ୍ରାମରେ ସର୍ବେଶ୍ୱର ସ୍ୱାଇଁଙ୍କ ଚବିଶି ବର୍ଷିୟା ଝିଅ ଶୁଭଶ୍ରୀଙ୍କର କିଛିଦିନ ତଳେ ତାଙ୍କର ହଠାତ୍ ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲକୁ ନିଆଯାଇଥିଲା । ଶୁଭଶ୍ରୀ ଦୁଇଟିଯାକ କିଡିନୀ ନଷ୍ଟ ହୋଇଯାଇଥିବା ସେଠାକାର ଚିକିତ୍ସାରତ ଡକ୍ଟର କହିଥିଲେ । ଝିଅର ଏଭଳି ଅବସ୍ଥା ଶୁଣି ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିବା ସହ ମାନସିକ ସନ୍ତୁଳନ ହରାଇ ବସିଥିଲେ । ଝିଅର ଚିକିତ୍ସା ପାଇଁ ଏକାଧିକ ଟଙ୍କାର ଆବଶ୍ୟକ ଥିବା ବେଳେ ପୂର୍ବରୁ ଝିଅକୁ ଉଚ୍ଚଶିକ୍ଷିତ କରିବା ପାଇଁ ବାପ ସର୍ବେଶ୍ୱର ସ୍ୱାଇଁ ତାଙ୍କର ସମସ୍ତ ଜମିବାଡି ବିକ୍ରି କରିଦେଇଛନ୍ତି । ଏଭଳି ପରିସ୍ଥିତିରେ ସେ କେମିତି ଝିଅକୁ ଚିକିତ୍ସା କରାଇବେ ତାକୁ ନେଇ ଚିନ୍ତାରେ । ଶୁଭଶ୍ରୀଙ୍କ ବାପା ଓ ମା ସରକାର, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହଯୋଗର ହାତ ବଢାଇବା ପାଇଁ ନିବେଦନ କରିଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଶୁଭଶ୍ରୀଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଦିଆଯାଇଥିବା ମୋବାଇଲ ନଂ ୯୯୩୭୮୮୧୯୭୨ରେ ଯୋଗାଯୋଗ କରନ୍ତୁ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray